₹: 25
www.amarisatya.in

# ଆମରି ସତ୍ୟ
# AMARI SATYA

ତ୍ରୟୋଦଶ ବର୍ଷ, ନବମ ସଂଖ୍ୟା
ମାର୍ଚ୍ଚ ୨୦୨୩, ପୃଷ୍ଠା ସଂଖ୍ୟା ୩୬
RNI Regn. No. : ODI/ODI/2010/350521
Postal Regd. No. : PURI-33/2022-24






KHORDHA
BEST WISHES
FOR CLASS X BOARD APPEARING STUDENTS
OPEN for ADMISSION
KG to 11TH
Start your Inter-mediate (+2)
Science, Commerce and Humanities
with
AAA BRIDGE COURSE
Batch Starting from
10th April, 2023
canonfire aaa 2023
EXCLUSIVE INTEGRATED COACHING
for XI and XII
JEE Career in Engineering
NEET Career in Medicine
NDA Career in Defence
CLAT Career in Law
CPT Career in Finance
For admission enquiry:
9124654094
9124652776
www.aaaschool.in
FACILITY FOR SCHOOL EDUCATION LOAN
0% interest
KHORDHA
Aryavart Ancient Academy
Affiliated to CBSE, New Delhi
A Day-cum-Residential School

www.amarisatya.in

AMARISATYA ଆମରି ସତ୍ୟ Estd.: 2006 ODISHA

# ଆମରି ସତ୍ୟ

ପ୍ରତିଷ୍ଠାତା : ଡ. ପ୍ରମୋଦ ଚନ୍ଦ୍ର ଦାଶ

ଭିନ୍ନସ୍ୱାଦର ମାସିକ ପତ୍ରିକା...

ତ୍ରୟୋଦଶ ବର୍ଷ ♦ ନବମ ସଂଖ୍ୟା ♦ ମାର୍ଚ୍ଚ ୨୦୨୩



**ସମ୍ପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ମୁଖ୍ୟ ସହ ସମ୍ପାଦକ**
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

**ସହ ସମ୍ପାଦକ**
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ରଶ୍ମିରଞ୍ଜନ ନାଥ
୯୮୬୧୪୭୭୧୯୫
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮



**ମୁଖ୍ୟ କାର୍ଯ୍ୟାଳୟ (ଖୋର୍ଦ୍ଧା):**
'ଆମରି ସତ୍ୟ'
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋର୍ଦ୍ଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
ଶ୍ରୀ ରମେଶ ଚନ୍ଦ୍ର ମହାପାତ୍ର
ନିର୍ଦ୍ଦେଶକ, ଆମରିସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩, ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
ଶ୍ରୀ ପଦ୍ମନାଭ ପାଣିଗ୍ରାହୀ
ବନମାଳୀ କଲୋନୀ, ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪


## ଗ୍ରାହକମାନଙ୍କ ପାଇଁ ସୂଚନା

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ଆଜୀବନ ସଦସ୍ୟତା (୧୪ ବର୍ଷ ପାଇଁ ) | ଟ.୩୦୦୦/- |


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧ୍ୟକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର

**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା

**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା

**ରାମଶଙ୍କର**
ଅଧ୍ୟକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା


ଦେୟ 'ଆମରିସତ୍ୟ' ନାମରେ ମନି ଅର୍ଡର, ଡ୍ରାଫଟ୍, ଚେକ୍ ତଥା UPI ମାଧ୍ୟମରେ ପଠାଇବାକୁ ଅନୁରୋଧ ।
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ A/c No. 31033974226, IFSC-SBIN0012027, MICR-752002151


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ ।



**AMARISATYA** : AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS
Website: www.amarisatya.in Email:amarisatya@gmail.com



## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

ରମେଶ ମଙ୍ଗରାଜ



ତମେ ନ ରହିଁଲେ ହେ' କଳା ଠାକୁରେ
ତମକୁ ଭାବିବ କିଏ
ତମେ ଭାବ ବୋଲି ତୁମକୁ ଭାବେ ମୁଁ
ଭାବୁଥିବି ମଲା ଯାଏ ।।୦।।

ଭାବନା ଭିତରେ ତମେ ରହିଥିଲେ
ସବୁ ମୋ' ପାଇଁକି ଅଛି
ଆମ ଭାବଲାଭ ସଦା ରହିଥାଉ
ଆଉ ଲୋଡ଼ା ନାହିଁ କିଛି
ତୁମରି ଭାବନା ହୃଦରେ ସାଇତି
ଆନନ୍ଦ ମୁଁ ପାଇଥାଏ ।।୧।।

ତମେ ନ ରହିଁଲେ......
ଦୀନଜନ ବନ୍ଧୁ ହେ' କରୁଣା ସିନ୍ଧୁ
ଭାବ ବିନୋଦିଆ ହରି
ଭବ ସାଗରରୁ ଉଦ୍ଧାର ପାଇଁକି
ତୁମ ନାମ ପୁଣ୍ୟତରୀ
ତମରି କରୁଣା ଆହେ ଜଗନ୍ନାଥ
ଏମିତି ମୁଁ ପାଉଥାଏ ।।୨।।
ତମେ ନ ରହିଁଲେ.......

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା
ମୋ - ୯୧୭୮୬୨୬୨୮୦

## ଅମର ଲେଖନୀରୁ

ସୁତ ଦାରା ପୁଣି ଧନଦଉଲତ
ପାପୀ ଲୋକର ତ ହୁଏ,
ସନ୍ଥ ସମାଗମ ହରି କଥାମୃତ
ଦୁର୍ଲ୍ଲଭ ପଦାର୍ଥ ଦୁହେଁ।
(ତୁଳସୀ ଦୋହାବଳୀ)

# ହିତବାଣୀ

## ଗୀତା

ନାସତୋବିଦ୍ୟତେ ଭାବୋ, ନାଭାବୋ ବିଦ୍ୟତେ ସତଃ।
ଉଭୟୋରପି ଦୃଷ୍ଟୋଽନ୍ତ, ସ୍ତ୍ୱନୟୋସ୍ତତ୍ତ୍ୱଦର୍ଶିଭିଃ।
ଅବିନାଶି ତୁ ତଦ୍‌ବିଦ୍ଧି, ଯେନ ସର୍ବମିଦଂ ତତଂ।
ବିନାଶମବ୍ୟୟସ୍ୟାସ୍ୟ, ନ କଶ୍ଚି କ୍ର୍ତ୍ତୁମର୍ହତି।।

ଏ ଶରୀର ଅନିତ୍ୟ, ଅସତ୍ୟ, କେବଳ ଜୀବାତ୍ମା ସତ୍ୟ ଓ ନିତ୍ୟ। ଏହି ବିଷୟ ତତ୍ତ୍ୱଦର୍ଶୀମାନେ ଜାଣନ୍ତି। ଯେଉଁ ଆତ୍ମା ସର୍ବବ୍ୟାପକ, ତା'ର ବିନାଶ ନାହିଁ। ତା'କୁ ବିନାଶ କରିବାକୁ ସଂସାରରେ କାହାରି ଶକ୍ତି ନାହିଁ।

## ଭାଗବତ ବାଣୀ

ମାତା ଭଗିନୀ କନ୍ୟା ମେଳେ। କେବେ ହେଁ ନଥିବ ନିରୋଳେ।।
ମନ ଯେ ଇନ୍ଦ୍ରିୟଙ୍କ ଗ୍ରାମ। ବଳେ ତାହାକୁ ନାହିଁ ସମ।

## ଚାଣକ୍ୟ ନୀତି

ହାତକୁ ଆସୁଥିବା ଦ୍ରବ୍ୟକୁ ହରାଇ ବସ ନାହିଁ :

ଯୋ ଧ୍ରୁବାଣି ପରିତ୍ୟଜ୍ୟ ହ୍ୟଧ୍ରୁବଂ ପରିସେବତେ।
ଧ୍ରୁବାଣି ତସ୍ୟ ନଶ୍ୟନ୍ତି ଚାଧ୍ରୁବଂ ନଷ୍ଟମେବ ତତ୍।

ଯିଏ ନିଶ୍ଚିତକୁ ଅନିଶ୍ଚିତର ଆଶ୍ରୟ ଗ୍ରହଣ କରେ, ତାହାର ନିଶ୍ଚିତ ମଧ୍ୟ ନଷ୍ଟ ହୋଇଯାଏ। ଯେଉଁ ଜିନିଷ ମିଳିବାର ନିଶ୍ଚିତତା ଥାଏ, ତାହାକୁ ପ୍ରଥମେ ଲାଭ କରିବା ଦରକାର ବା ସେହି କାମକୁ ପ୍ରଥମେ କରିଦେବା ଦରକାର। ଏପରି ନ କରି ଯେଉଁ ବ୍ୟକ୍ତି ଅନିଶ୍ଚିତ ତଥା ଯାହାର ହେବା ବା ମିଳିବା ନିଶ୍ଚିତ ନଥାଏ, ସେଦିଗକୁ ପ୍ରଥମେ ଗୁରୁତ୍ୱ ପ୍ରଦାନ କରି ଦୌଡିଥାଏ, ତାହର ନିଶ୍ଚିତ ମଧ୍ୟ ନଷ୍ଟ ହୋଇ ଯାଇଥାଏ ଅର୍ଥାତ୍ ମିଳିବା ବସ୍ତୁ ମଧ୍ୟ ହାତଛଡା ହୋଇଯାଏ।

## ନୀତିଶ୍ଲୋକ

ଯସ୍ୟାର୍ଥାସ୍ତସ୍ୟ ମିତ୍ରାଣି ଯସ୍ୟାର୍ଥାସ୍ତସ୍ୟ ବାନ୍ଧବାଃ।
ଯସ୍ୟାର୍ଥାଃ ସ ପୁମାଂଲ୍ଲୋକେ ଯସ୍ୟାର୍ଥାଃ ସ ହି ପଣ୍ଡିତଃ।।

ସଂସାରରେ ଯାହାର ଧନ ଥାଏ ତା'ର ଅନେକ ମିତ୍ର ହୁଅନ୍ତି, ଧନୀ ଲୋକଙ୍କୁ ବହୁତ ବନ୍ଧୁ ମିଳନ୍ତି। ଯାହାର ଧନ ଥାଏ ସେ ମହାନ୍ ପୁରୁଷ ବୋଲି ଗଣ୍ୟ ହୁଏ, ଯାହା ପାଖରେ ଧନ ଥାଏ ସେ ପଣ୍ଡିତ ବୋଲି ପରିଚିତ ହୁଏ।

## ପ୍ରବାଦ

ଅତି ଦାନେ ବଳି ପାତାଳେ ଗଲା,
ଅତି ମାନରେ ଦୁର୍ଯୋଧନ ମଲା,
ଅତି ଦର୍ପରେ ରାବଣ ବଧ,
ଅତି କଥା ସବୁବେଳେ ନିଷେଧ,
ଅତିରୁ ଇତି, ଏହା ହିଁ ଏଠାରେ ସୂଚିତ ହୋଇଛି।



ଅଳ୍ପ ଅଳ୍ପ ପରାମର୍ଶ ସୁଲୁସୁଲିଆ ପବନ ଭଳି କାମ କରେ, ଗୁଡ଼ାଏ ପରାମର୍ଶ ବାତ୍ୟା ସଙ୍ଗେ ସମାନ। - କୋଲେରିଜ



# ସମ୍ପାଦକୀୟ....

## ପରୀକ୍ଷା ଆସିଯାଇଛି...

ଛାତ୍ରଛାତ୍ରୀ ଅଭିଭାବକ ଚିନ୍ତିତ। ଶିକ୍ଷକ, ଶିକ୍ଷାନୁଷ୍ଠାନ, ସରକାର ସମସ୍ତେ ଏଭଳି ଏକ ସମୟରେ ପ୍ରାୟ ଭାରାକ୍ରାନ୍ତ। ବର୍ଷଟିଏର ଶ୍ରମର ସ୍ୱାକ୍ଷର ଦେବେ ଛାତ୍ରଛାତ୍ରୀ। ନିଜ କର୍ତ୍ତବ୍ୟର ମୂଲ୍ୟାୟନ କରିବେ ପିତାମାତା ତଥା ଅଭିଭାବକ। ସମସ୍ତେ ଚଳଚଞ୍ଚଳ। ବିକଳ ମାନସିକତାର ସ୍ପଷ୍ଟ ଆଭାସ ବାରି ହୋଇପଡେ ସବୁରି ମନର କାନ୍‌ଭାସ୍ ଉପରେ।

ପରୀକ୍ଷା ହେଉଛି ଜ୍ଞାନର ପରିମାପ ପାଇଁ ଏକ ମାଧ୍ୟମ। ମାତ୍ର ଏ ସତ୍ୟ ଏବେର ଶିକ୍ଷା ଓ ଏହାର ଶୈଳୀ ପାଇଁ ମୋଟେ ପ୍ରଯୁଜ୍ୟ ନୁହେଁ। କାରଣ ଏବେର ଶିକ୍ଷା ଓ ଏହାର ପରୀକ୍ଷାଶୈଳୀ ନମ୍ବରର ଶତକଡା ହିସାବକୁ ଗୁରୁତ୍ୱ ଦେଇ ପ୍ରକୃତ ଜ୍ଞାନ ପରୀକ୍ଷାଠାରୁ ଦୂରେଇ ଯାଉଛି। ପୋଥିଗତ ଜ୍ଞାନର ଚର୍ବିତଚର୍ବଣ ପିଲାଟିର ନମ୍ବର ବୃଦ୍ଧିରେ ସହାୟକ ହୋଇପାରେ; ମାତ୍ର ଏହାର ବ୍ୟବହାରିକ ଜ୍ଞାନ ହାସଲରେ ନିରର୍ଥକ ହୋଇଥାଏ। କିନ୍ତୁ ଏହି ବ୍ୟବହାରିକ ଜ୍ଞାନର ପ୍ରୟୋଗ କରିବା ଆଜିର ଶିକ୍ଷା ବ୍ୟବସ୍ଥାରେ କୌଣସିଠାରେ ପ୍ରାୟତଃ ଦେଖା ଯାଉନାହିଁ। ତେଣୁ ପିଲାଟି ନମ୍ବର ବୃଦ୍ଧି ପଛରେ ଦୌଡିଦୌଡି ଯେତିକି ଅଣାୟତ ହେଉଛି, ପିତାମାତା, ଶିକ୍ଷକ ସେହି ତୁଳନାରେ ଭାରାକ୍ରାନ୍ତ ହେଉଛନ୍ତି। ପିଲାଟି ପରୀକ୍ଷା ପାଇଁ ପଢୁଛି, ଶିକ୍ଷକ ପରୀକ୍ଷା ପାଇଁ ବାର୍ଷିକ ପାଠ୍ୟ ସାରଣୀକୁ ଯେନତେନ ସାରିବା ପାଇଁ ଉଦ୍ୟମ କରୁଛନ୍ତି। ପିତାମାତା ପିଲାଟିର ମାନସିକ ଅବସ୍ଥା ଓ ତାର ସାମର୍ଥ୍ୟକୁ ଦୃଷ୍ଟି ନଦେଇ ଅଧିକ ନମ୍ବର ଆଶାରେ ଟିଉସନ ଯୋଗାଇ ଦେବାରେ ନିଜର ଧନ ଓ ମନର ଉପଯୋଗକରି ପରୀକ୍ଷା ସମୟକୁ ପ୍ରସ୍ତୁତ ରହୁଛନ୍ତି।

ସମସ୍ତେ ସ୍ୱପରେ ବିଭୋର। ସ୍ୱପ୍ନ ଦେଖାକୁ ମନାନାହିଁ। ତେବେ କଥା ହେଲା ସ୍ୱପ୍ନ ସ୍ୱପ୍ନରେ ରହିଗଲେ ବାସ୍ତବତା ପାଇଁ ଖାଲି ବାହୁନି ହେବା ସାର ହୁଏ। ଏହାହିଁ ଘଟି ଚାଲିଛି ଆମର ଏହି ପରୀକ୍ଷା ଓ ତାର ଫଳଶ୍ରୁତିକୁ ଦେଖିଲେ। ଶିକ୍ଷା ହେଉ କି ପରୀକ୍ଷା ହେଉ ଏହା ମୋଟେ ବାସ୍ତବଧର୍ମୀ ନୁହେଁ। କାରଣ ବାସ୍ତବ କଥା ପୋଥିଗତ ଜ୍ଞାନରେ ନଥାଏ। ଏହା ଯେତେ ବ୍ୟବହାରିକ ହେବ ସେତେ ସମାଜର କଲ୍ୟାଣ ହେବ। ପିଲାଟି ଶିକ୍ଷା ସମାପ୍ତ ପରେ ସମାଜକୁ ଓହ୍ଲାଇବ। ସମାଜର ଅନେକ ବାସ୍ତବତା ସହିତ ଜଡିତ ହେବ। ସେତେବେଳେ ପରୀକ୍ଷାର ଶତକଡା ହିସାବ ତାର କୌଣସି କାମକୁ ଆସିବନାହିଁ ହୁଏତ। ଘୋଷାପାଠର କୌଣସି ମୂଲ୍ୟ ରହିବନାହିଁ। ପିଲାଟି ବ୍ୟବହାରିକ ଜ୍ଞାନସିଦ୍ଧ ହୋଇଥିଲେ ସମାଜର ଅନେକ ଦୃଷ୍ଟିଭଙ୍ଗୀକୁ ସାମ୍ନା କରିବାକୁ ସମର୍ଥ ହେବ। ତେଣୁ ପାଠର ବାସ୍ତବ ଦିଗକୁ ଅନୁଧ୍ୟାନ କରିବା ଓ ସେହି ଅନୁରୂପେ ପାଠ୍ୟ ସାରଣୀ ତିଆରିବା ହେଉଛି ଆଜିର ସମାଜପତିମାନଙ୍କ ପାଇଁ ବଡ ଆହ୍ୱାନ।

**ପବିତ୍ର ଦୋଳଯାତ୍ରା ଓ ହୋଲି ଉପଲକ୍ଷେ**
**'ଆମରି ସତ୍ୟ' ପରିବାରର ସମସ୍ତ ସଦସ୍ୟମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।**

**ଡ ପ୍ରସନ୍ନ କୁମାର ଜେନା**



ଯେଉଁ ଲୋକ କେବେହେଲେ ବିପଦର ସମ୍ମୁଖୀନ ହୋଇ ନାହିଁ, ସେ ପ୍ରକୃତ ଅର୍ଥରେ ଦୁଃଖୀ, କାରଣ ଜୀବନର ସ୍ୱାଦ ସେ ଚାଖିପାରି ନାହିଁ। - ଆନନ୍ଦ

# ସୂଚୀପତ୍ର


| କ୍ର.ସଂ. | ବିଷୟ | ବ୍ୟକ୍ତିତ୍ୱ | ପୃଷ୍ଠା |
|---|---|---|---|
| ୧. | ଅନ୍ତର୍ଜାତୀୟ ମହିଳା ଦିବସ | ଡ଼. ପ୍ରମୋଦ ଚନ୍ଦ୍ର ଦାଶ | ୫ |
| ୨. | ୨୦୨୩ : ଅନ୍ତର୍ଜାତୀୟ ମିଲେଟ ବର୍ଷ | | ୬ |
| ୩. | ଆଉ ମୁଁ କରୁନି ଚାଷ | ପ୍ରସନ୍ନ ମଣ୍ଡଳ | ୬ |
| ୪. | ୱାଶିଂଟନ୍ ସାର୍ | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୭ |
| ୫. | କଥା କହିବା ପାଇଁ... | ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି | ୯ |
| ୬. | ଦୁଇଟି କ୍ଷୁଦ୍ର ଗଳ୍ପ | ଶିବ ମିଶ୍ର | ୧୦ |
| ୭. | ଚମତ୍କାର ଚରିତ୍ର | ରମାକାନ୍ତ ମିଶ୍ର | ୧୧ |
| ୮. | ଜୀବନ | ପ୍ରଦୀପ ନାୟକ | ୧୨ |
| ୯. | ସୁଶ୍ରୁତ | ପଦ୍ମନାଭ ପାଣିଗ୍ରାହୀ | ୧୩ |
| ୧୦. | ପୁଣ୍ୟାତ୍ମା ପଣ୍ଡିତ ଗୋପବନ୍ଧୁ | ନୀଳକଣ୍ଠ ତ୍ରିପାଠୀ | ୧୪ |
| ୧୧. | ଫେରିଆ ଅହିଂସା ପଥେ | ଉମେଶ ଚନ୍ଦ୍ର ପାତ୍ର | ୧୫ |
| ୧୨. | ମାଡ଼ | ଡ. ଚପଳା ପଣ୍ଡା | ୧୬ |
| ୧୩. | ଟିକିକୁ ନ ମଣ ହୀନ | ବସନ୍ତ କୁମାର ବେହେରା | ୧୬ |
| ୧୪. | ହୋଲି | ଜ୍ୟୋତିପ୍ରଭା ପଟ୍ଟନାୟକ | ୧୭ |
| ୧୫. | ବିଷମିଶା ହସ | ସୁକାନ୍ତ ସାମର୍ଥ | ୧୭ |
| ୧୬. | ସହିଦ ଦିବସ | ରାମଶଙ୍କର | ୧୮ |
| ୧୭. | ମହିଳା କ୍ରିକେଟର କଥା | ଆଶିଷ କୁମାର ରାୟ | ୧୯ |
| ୧୮. | ଦ୍ରୋହକାଳ | ବୈଜୟନ୍ତୀ ପଟ୍ଟନାୟକ | ୨୦ |
| ୧୯. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୨୧ |
| ୨୦. | ଡ଼ାକଟିକଟରୁ ଜ୍ଞାନ | ଡ. ଭବାନୀ ଶଙ୍କର ଦାଶ | ୨୩ |
| ୨୧. | ସମ୍ବାଦ ବିଚିତ୍ରା | | ୨୪ |
| ୨୨. | ସାଧାରଣ ଜ୍ଞାନ | | ୨୫ |
| ୨୩. | ପର୍ବପର୍ବାଣୀ ଓ ମୁଖ୍ୟ ଦିବସ | | ୩୨ |


# ଗାଆଁର ବୋହୂ

**ଡକ୍ଟର ବସନ୍ତ କିଶୋର ସାହୁ**



ଗାଆଁର ବୋହୂ ଗାଆଁରେ ରହୁ ଗାଆଁରେ ଆମ ଘର
ସଭିଏଁ ଆମ ଅତି ନିଜର ଭାବୁନା କା'ରେ ପର ।
ଖୁଡୀ-ପିଉସୀ ଯାଆ-ମାଉସୀ ସଭିଏଁ ହୋଇ ଏକ
ପରିବାର ଓ ଗାଆଁ ଲୋକଙ୍କୁ ବାଣ୍ଟୁଛୁ ଦୁଃଖସୁଖ ॥

କେଉଁ ଗାଆଁରୁ ଆସିଛୁ ଆମେ ହିସାବ ତାର ନାହିଁ
ଶାଶୂ ଘରଟି ଆମରି ଗାଆଁ ସରଗ ଆମ ପାଇଁ ।
ବାପଘରକୁ କଦବା କେବେ ବୁଲିବା ପାଇଁ ଯାଉ
କାମ ସରିଲେ ଆସୁଛୁ ଫେରି ଏଇଠି ସୁଖ ପାଉ ॥

ସବାରୀ ଆମ ଆସିଛି ଏଠି ଏଇଠୁ ଯିବ ଶବ
ଏଇ କଥାଟି ମନରେ ରଖି ଲଗାଇଅଛୁ ଭାବ ।
ମନ ଖୋଲିକି ଶିଖିଛୁ ହସି ସବୁ କାମରେ ଆମେ
ସେଇଥି ପାଇଁ ସୁଖ ଶାନ୍ତିରେ ଲାଗୁଛୁ ସଦା କାମେ ॥

**କୁସୁପୁର, କୁଆଁପାଳ, କଟକ**
**ମୋ : ୯୪୩୭୫୨୬୨୦୧**






ସମସ୍ତଙ୍କ ସହିତ ମିଳିମିଶି ଚଳିବାର ଗୁଣ ଯିଏ ହାସଲ କରିଛି, ତା'ଠାରୁ ବଳି ସୁଖୀ ଆଉ କେହି ନୁହଁନ୍ତି । – ଫିଲ୍ଡିଙ୍ଗ

# ଅନ୍ତର୍ଜାତୀୟ ମହିଳା ଦିବସ ଏବଂ ମହିଳା ସଶକ୍ତିକରଣ



ମହିଳାମାନଙ୍କ ସଫଳତାକୁ ସମ୍ମାନ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଏ । ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୩ର ବିଷୟବସ୍ତୁ ହେଉଛି **'ଡ଼ିଜିଟାଲ: ଲିଙ୍ଗଗତ ସମାନତା ପାଇଁ ଅଭିନବତା ଏବଂ ପ୍ରଯୁକ୍ତିବିଦ୍ୟା'**। ଅର୍ଥାତ୍ ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତିକରଣ ପାଇଁ ଡିଜିଟାଲ ଯୁଗରେ ଅଭିନବତା ଏବଂ ବୈଷୟିକ ପରିବର୍ତ୍ତନ ଓ ଶିକ୍ଷା।

ଅନ୍ତର୍ଜାତୀୟ ମହିଳା ଦିବସର ଉଦ୍ଦେଶ୍ୟ ହେଉଛି ମହିଳାଙ୍କ ସଫଳତାକୁ ସମ୍ମାନ ଦେବା ସହିତ ଲିଙ୍ଗଗତ ସମାନତା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ଯାହା ଦ୍ୱାରା ଆମ ସମାଜର ମହିଳା ବର୍ଗ ସବୁ କ୍ଷେତ୍ରରେ ସମାନ ଅଧିକାର ପାଇବେ - ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ତଥା ରାଜନୈତିକ କାର୍ଯ୍ୟକଳାପରେ ସମାନ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବେ।




ସରଳ ଶବ୍ଦରେ ସଶକ୍ତିକରଣର ଅର୍ଥ ହେଉଛି କାହାକୁ ଶକ୍ତି କିମ୍ବା ଅଧିକାର ଦେବା । ସଶକ୍ତିକରଣ ହେଉଛି ଏକ ପ୍ରକ୍ରିୟା ଯାହା ବ୍ୟକ୍ତିବିଶେଷଙ୍କୁ ନିଜ ଜୀବନ ଉପରେ ତଥା ସମାଜ ଏବଂ ସମ୍ପ୍ରଦାୟରେ ଶକ୍ତି ପ୍ରଦାନ କରିଥାଏ । ସାଧାରଣତଃ ମହିଳା ସଶକ୍ତିକରଣ ହେଉଛି ମହିଳାମାନଙ୍କର ଶିକ୍ଷାଗତ, ଅର୍ଥନୈତିକ, ସାମାଜିକ, ରାଜନୈତିକ, ଆଧାତ୍ମିକ ଏବଂ ସ୍ୱାସ୍ଥ୍ୟଗତ ସ୍ଥିତିକୁ ସୁଦୃଢ଼ ପାଇଁ ଏକ ପ୍ରୟାସ । ମହିଳା ସଶକ୍ତିକରଣ ମହିଳାମାନଙ୍କୁ ନିଜସ୍ୱ ନିଷ୍ପତ୍ତି ନେବାକୁ ଏବଂ ପ୍ରତ୍ୟେକ କ୍ଷେତ୍ରରେ ଅଂଶଗ୍ରହଣ କରିବାକୁ ସକ୍ଷମ କରିଥାଏ । ଯେକୌଣସି ଦେଶର ସ୍ଥାୟୀ ବିକାଶ ହାସଲ ପାଇଁ ମହିଳା ସଶକ୍ତିକରଣ ଏବଂ ଲିଙ୍ଗଗତ ସମାନତା ଏକ ମୌଳିକ ଆବଶ୍ୟକତା ଅଟେ ।

ଦୀର୍ଘ ଦିନରୁ ଅନେକ ସାମାଜିକ ସଂସ୍କାରକ ମହିଳା ସଶକ୍ତିକରଣ ପାଇଁ ଉଦ୍ୟମ କରୁଛନ୍ତି । ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱ ସ୍ତରରେ ସ୍ୱାସ୍ଥ୍ୟ ଅଧିକାର, ଶିକ୍ଷାଗତ ଅଧିକାର, ସାମାଜିକ ସୁରକ୍ଷା, ଅର୍ଥନୈତିକ ସୁରକ୍ଷା, ରାଜନୈତିକ ସୁରକ୍ଷା ତଥା ସର୍ବାଙ୍ଗୀଣ ବିକାଶ ପାଇଁ ଅନେକ ଉଲ୍ଲେଖନୀୟ ସାମ୍ବିଧାନିକ ପଦକ୍ଷେପ ଗ୍ରହଣ କରାଯାଉଛି ।

ଦୀର୍ଘ ଦିନ ଧରି ଚାଲିଆସୁଥିବା ବିଶ୍ୱାସ ଯେ ସାମାଜିକ ରୀତିନୀତି ଅନୁସାରେ ନିଜର ଇଚ୍ଛା ଓ ସ୍ୱପ୍ନକୁ ନିଜ ଭିତରେ ଚାପି ରଖି ଘରୋଇ ଦାୟିତ୍ୱର ଭାର ବହନ କରିବା ମହିଳାମାନଙ୍କର ପ୍ରାଥମିକତା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦୀର୍ଘ ସମୟ ଧରି, ମହିଳାମାନେ ନିଜ ଜୀବନରେ ପୁରୁଷଙ୍କ ଉପରେ ଆର୍ଥିକ ନିର୍ଭରଶୀଳ; ସେ ସେମାନଙ୍କର ସ୍ୱାମୀ କିମ୍ବା ପିତା ହୁଅନ୍ତୁ।

ଏବେ ମହିଳାମାନେ ହୃଦୟଙ୍ଗମ କରିପାରୁଛନ୍ତି ଯେ ଆର୍ଥିକ ସ୍ୱାଧୀନତା ଅସୀମ ଆତ୍ମବିଶ୍ୱାସ ପ୍ରଦାନ କରେ । ବାସ୍ତବରେ, ଆମ ଦେଶରେ କରାଯାଇଥିବା ଏକ ସାମାଜିକ ଅନୁଧ୍ୟାନ ଅନୁଯାୟୀ, ମହିଳାମାନେ ଆର୍ଥିକ ସ୍ୱାଧୀନତାକୁ ଜୀବନର ପ୍ରମୁଖ ତିନୋଟି ପ୍ରାଥମିକତା ମଧ୍ୟରୁ ନିତାନ୍ତ ଆବଶ୍ୟକ ଉଲ୍ଲେଖ କରିଥିଲେ । ମହିଳାମାନେ ପୂର୍ବାପେକ୍ଷା ଅଧିକ ସ୍ୱାଧୀନ ହୋଇପାରିଛନ୍ତି ଏବଂ ପୁରୁଷମାନଙ୍କ ସହ ସମାନ ସ୍ତରରେ ଆର୍ଥିକ ସୁସକ୍ଷମ ହେବା ପାଇଁ ସ୍ୱାଗତଯୋଗ୍ୟ ପ୍ରୟାସ ଜାରି ରଖିଛନ୍ତି । କିନ୍ତୁ ମାର୍ଗଦର୍ଶନର ଅଭାବ ଏବଂ ବିଚ୍ଛିନ୍ନ ସମ୍ବଳ ହେତୁ ଅଧିକାଂଶ ମହିଳାଙ୍କ ପାଇଁ ଆର୍ଥିକ ପରିଚାଳନା କଷ୍ଟକର ବ୍ୟାପାର ହୋଇଯାଏ । ଆର୍ଥିକ ସ୍ୱାଧୀନତା ପାଇବା ପାଇଁ ଉପଯୁକ୍ତ ରୋଜଗାରକ୍ଷମ ହେବା ସହ ସଞ୍ଚୟ ଓ ବିନିଯୋଗ କରିବା ଅନିବାର୍ଯ୍ୟ ପଦକ୍ଷେପ ଅଟେ ।

ସୁଦୃଢ଼ ସଶକ୍ତିକରଣ ପାଇଁ ମହିଳାମାନେ ଆର୍ଥିକ ସ୍ୱାଧୀନ ହେବା ସହ ଅନ୍ୟମାନଙ୍କର ଆବଶ୍ୟକତାକୁ ଧ୍ୟାନ ଦେବା ପୂର୍ବରୁ ନିଜକୁ ପ୍ରଥମେ ସନ୍ତୁଷ୍ଟ ରଖିବା ନିହାତି ଆବଶ୍ୟକ ।

*ଉପସ୍ଥାପନା - ଡ. ପ୍ରମୋଦ ଚନ୍ଦ୍ର ଦାଶ*



କ୍ରୋଧ ଏଭଳି ଏକ ଅସ୍ତ୍ର ଯେ, ତାହା ଶତ୍ରୁର ଯେତେ ଅନିଷ୍ଟ ନ କରେ ନିଜର ତାଠାରୁ ଅଧିକ ଅନିଷ୍ଟ କରେ। - କ୍ଲାରେନ୍ଡନ

# ୨୦୨୩ : ଅନ୍ତର୍ଜାତୀୟ ମିଲେଟ ବର୍ଷ

ମାର୍ଚ୍ଚ ୨୦୨୧ରେ ଅନୁଷ୍ଠିତ ହୋଇଥିବା ମିଳିତ ଜାତିସଂଘର ୭୫ତମ ଅଧିବେଶନରେ, ୨୦୨୩କୁ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ **(IYM2023)** ଭାବେ ଘୋଷଣା କରିଥିଲା। ଜାତିସଙ୍ଘର ଖାଦ୍ୟ ଏବଂ କୃଷି ସଂଗଠନ, ଅନ୍ୟାନ୍ୟ ସମ୍ପୃକ୍ତ ହିତାଧିକାରୀଙ୍କ ସହଯୋଗରେ ଏହାକୁ କରାଯିବ । ମିଲେଟଗୁଡ଼ିକ ସର୍ବନିମ୍ନ ବିନିଯୋଗରେ ଶୁଷ୍କ ଜମିରେ ଉତ୍ପାଦନ କରାଯାଇପାରେ ଏବଂ ଜଳବାୟୁରେ ପରିବର୍ତ୍ତନର ସେପରି ପ୍ରଭାବ କି ପ୍ରତିକ୍ରିୟା ପଡେ ନାହିଁ। ତେଣୁ ଦେଶଗୁଡ଼ିକ ପାଇଁ ଆତ୍ମନିର୍ଭରଶୀଳତା ବୃଦ୍ଧି ଏବଂ ଆମଦାନୀ ହେଉଥିବା ଶସ୍ୟ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ସେଗୁଡ଼ିକ ଏକ ଆଦର୍ଶ ସମାଧାନ। **#IYM2023** ସଚେତନତା ସୃଷ୍ଟି କରିବାର ଏକ ସୁଯୋଗ ହେବ, ଏବଂ ମିଲେଟର ପୁଷ୍ଟିକର ସ୍ୱାସ୍ଥ୍ୟ ଉପକାରିତା ତଥା ପ୍ରତିକୂଳ ବା ପରିବର୍ତ୍ତନଶୀଳ ଜଳବାୟୁ ପରିସ୍ଥିତିରେ ଚାଷ ପାଇଁ ଉପଯୁକ୍ତତା ଉପରେ ସିଧାସଳଖ ନୀତି ଧ୍ୟାନ ଦେବ। ଏହା ମଧ୍ୟ ମିଲେଟଗୁଡ଼ିକର ସ୍ଥାୟୀ ଉତ୍ପାଦନକୁ ପ୍ରୋତ୍ସାହିତ କରିବ, ଯାହା ଉତ୍ପାଦକ ଏବଂ ଗ୍ରାହକଙ୍କ ପାଇଁ ନୂତନ ସ୍ଥାୟୀ ବଜାର ସୁଯୋଗ ପ୍ରଦାନ କରିବାର ସାମର୍ଥ୍ୟକୁ ଆଲୋକିତ କରିବ ।

ବଢୁଥିବା ବିଶ୍ୱ ଜନସଂଖ୍ୟାକୁ ଉପଯୁକ୍ତ ସୁଷମ ଖାଦ୍ୟ ଯୋଗାଇବା ପାଇଁ ବିଶ୍ୱର କୃଷିଜାତ ଖାଦ୍ୟ ପ୍ରଣାଳୀଗୁଡ଼ିକ ସଂଘର୍ଷର ସମ୍ମୁଖୀନ ହେଉଥିବାରୁ ମିଲେଟ ପରି ସ୍ଥିର ଶସ୍ୟ ଏକ ସୁଲଭ ତଥା ପୁଷ୍ଟିକର ବିକଳ୍ପ ଯୋଗାଇଥାଏ ଏବଂ ସେଗୁଡ଼ିକର ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୟାସକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ ।

ମିଲେଟଗୁଡ଼ିକ ବିଭିନ୍ନ ଆକୃତି ଏବଂ ଆକାରର।

୧. ଫକ୍ସଟେଲ୍ ମିଲେଟ୍ - ଏହାକୁ ସ୍ୱଦେଶୀ ଭାବରେ କାକୁମ / କାଙ୍ଗନି କୁହାଯାଏ । ଏଥିରେ ରକ୍ତରେ ଶର୍କରା ସନ୍ତୁଳନ କରିବା ପାଇଁ ସୁସ୍ଥ କାର୍ବୋହାଇଡ୍ରେଟ୍ ଅଛି। ଏଥିରେ ଥିବା ଲୌହ ଏବଂ କ୍ୟାଲସିୟମ୍ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରେ। ଏହା ସହିତ, ଫକ୍ସଟେଲ ମିଲେଟ ଆପଣଙ୍କ ରକ୍ତ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବାରେ ଏବଂ ଆପଣଙ୍କ ଶରୀରରେ ଏଚଡିଏଲ୍ କୋଲେଷ୍ଟ୍ରଲ ସ୍ତରକୁ ବଢାଇବାରେ ସାହାଯ୍ୟ କରିଥାଏ ।

୨. ଫିଙ୍ଗର ମିଲେଟ୍ - ଏହାକୁ ମାଣ୍ଡିଆ କୁହାଯାଏ । ଏହା ଚାଉଳ ଏବଂ ଗହମ ପାଇଁ ଏକ ସ୍ୱାସ୍ଥ୍ୟକର ବିକଳ୍ପ ଭାବରେ ବ୍ୟବହୃତ ହୁଏ। ଗ୍ଲୁଟେନ୍ ମୁକ୍ତ ଏବଂ ପ୍ରୋଟିନରେ ଭରପୂର । ଏହା ବଢୁଥିବା ପିଲାମାନଙ୍କ ମସ୍ତିଷ୍କର ବିକାଶରେ ସାହାଯ୍ୟ କରେ ବୋଲି ଅନୁମାନ କରାଯାଏ ।

୩. ମୋତି ମିଲେଟ୍ - ଏହାକୁ ବାଜ୍ରା କୁହାଯାଏ। ବାଜ୍ରା ଅବିଶ୍ୱସନୀୟ ଘନ ପୁଷ୍ଟିକର ଅଟେ। ଏଥିରେ କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍, ପ୍ରୋଟିନ୍, ଫାଇବର ଏବଂ ଆଇରନ୍ ଭଳି ଖଣିଜ ପଦାର୍ଥ ଭରି ରହିଛି। ଟାଇପ୍-୨ ମଧୁମେହ ବିରୋଧରେ ଲଢ଼ିବା ପାଇଁ ନିୟମିତ ବ୍ୟବହାର କରାଯାଏ ।

୪. ବକହ୍ୱିଟ - ଏହାକୁ କୁଟୁ ଅଟା କୁହାଯାଏ। ଓଜନ ହ୍ରାସ କରିବା ପାଇଁ ପ୍ରଥମ ତଥା ଉତ୍ତମ ପସନ୍ଦ। ମଧୁମେହ ପାଇଁ ଏହା ଏକ ସୁସ୍ଥ ଖାଦ୍ୟ ବିକଳ୍ପ, ରକ୍ତଚାପ କମ କରିବାରେ ସାହାଯ୍ୟ କରେ ଏବଂ ହୃଦ୍ ରୋଗରେ ଉନ୍ନତି ଆଣେ। ଏହା ଶରୀରରେ ପଥର, ପିଲାଦିନର ଆଜମା ଏବଂ ସ୍ତନ କର୍କଟ ଭଳି ରୋଗ ବିରୁଦ୍ଧରେ ମଧ୍ୟ ଲଢେଇ କରେ।

୫. ଲିଟିଲ୍ ମିଲେଟ୍ - ଓଜନ ହ୍ରାସ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଛୋଟ ମିଲେଟ ମଧ୍ୟ ଏକ ଉତ୍କୃଷ୍ଟ ବିକଳ୍ପ। ଆପଣ ଏହାକୁ ଚାଉଳ ବଦଳ ଭାବରେ ଖାଇପାରିବେ। ଏହା ଫାଇବରରେ ଅଧିକ ଏବଂ ପୋଟାସିୟମ, ଜିଙ୍କ, ଲୁହା ଏବଂ କ୍ୟାଲସିୟମ ପରି ଅନେକ ଖଣିଜ ପଦାର୍ଥରେ ଭରପୂର। ଏହା ଭିଟାମିନ୍ ବିର ସ୍ୱାସ୍ଥ୍ୟ ଉପକାରିତା ସହିତ ପ୍ୟାକ୍ ହୋଇଛି ଏବଂ ଆପଣଙ୍କ ଶରୀର ପାଇଁ ଆଣ୍ଟିଅକ୍ସିଡାଣ୍ଟ ଭାବରେ କାମ କରେ।

ମିଲେଟଗୁଡ଼ିକ ଅନେକ ଉପକାରୀ ପୁଷ୍ଟିକର ପଦାର୍ଥରେ ଭରପୂର। ଯେଉଁମାନେ ସେମାନଙ୍କର ଫିଟନେସ୍ ବିଷୟରେ ସଚେତନ ଅଟନ୍ତି, ଏହା ସେମାନଙ୍କୁ ନିରନ୍ତର କାର୍ଯ୍ୟକ୍ଷମ ରଖିବା ପାଇଁ ଦିନସାରା ସେମାନଙ୍କର ଶକ୍ତି ସ୍ତର ବଜାୟ ରଖିବାରେ ସାହାଯ୍ୟ କରେ ।

## ଆଉ ମୁଁ କରୁନି ଚାଷ



ପ୍ରସନ୍ନ ମଣ୍ଡଳ

ମିଳୁଛି ଗହମ ଟଙ୍କା ଚାଉଳ
ନାହିଁ ଭଙ୍ଗା ରୁଅ ଖତରା ଚାଳ
ଆସିଲେ ବତାସ ଲାଗୁନି ଡର
ଡରନାହିଁ ହେଲେ ରୋଗକି ଜର
ଆଉ ମୁଁ କରୁନି ଚାଷ,
ମାଣମାଣ ଜମି
ପଡିଆ ପଡିଛି
ବଢିଲାଣି ବେଣା ଘାସ ।୧।

ଏଣିକି ମୁଁ ମୂଲ ଲାଗୁନି ଆଉ
ଖାଉନି ଛତୁଆ ମାଣ୍ଡିଆ ଜାଉ
ଖାଏ ଚାଉମିନି ରୋଲ୍ ପକଡା
ବାନ୍ଧୁନି କଳେଇ କାଟୁନି ନଡ଼ା
ଦିହରେ ଲାଗୁନି ମାଟି,
ପିଇବାକୁ ଆଉ
ଅସୁବିଧା ନାହିଁ
ଘରପାଖେ ମୋର ଭାଟି ।୨।

ଶଗଡ଼ ଲଙ୍ଗଳ ଦେଲିଣି ଭାଙ୍ଗି
ନାହିଁ ଧାନ ମୁଗ ବୋଡି କି ଡାଙ୍ଗି
ଗୁହାଳେ ନାହାନ୍ତି ବଳଦ ଗାଈ
ଦଳଦଳ ଜନ୍ଦା ପିମ୍ପୁଡ଼ି କାଇ
ତୋରାଣି ଗୋବର ଗନ୍ଧ,
ବରଷ ବରଷ
ଦେଖୁନାହିଁ ପରା
ପଦା ତୋଟା ନଇବନ୍ଧ ।୩।

ବଇନା ରଖିଛି ବିକିବି ବିଲ
ବଢିଲାଣି ଦୁବ ବେରୁହାଁ ଗିଲ
ମାଗଣାରେ ସବୁ ମିଳୁଛି ଏଠି
ମିଛରେ କାହିଁକି ଖଟିବି ବେଠି
ଭୋଟ ଦେଇଛି ପରା,
ଗେଲବସରରେ
କଟିଯାଏ ଦିନ
ଦିହରେ ବାଜେନି ଖରା ।୪।

କୋଟପଲ୍ଲା, ଖୋର୍ଦ୍ଧା



ବିପଦ ଆସୁଛି ବୋଲି ଯିଏ ନିଜକୁ ଭୟଭୀତ ମନେ କରି ଲୁଚି ଯିବାକୁ ଚେଷ୍ଟା କରୁଥାଏ, ସେ ବିପଦର କୁଫଳ ଦୁଇଥର ଭୋଗ କରିବାକୁ ବାଧ୍ୟ ହୁଏ। - ପୋଟିଅସ

# ୱାଶିଂଟନ୍ ସାର୍



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଏହା ହେଉଛି ବ୍ରାଇନ ନାମକ ଜଣେ ବ୍ୟକ୍ତିଙ୍କ ନିଜର ଅଭିଜ୍ଞତା କଥା। ଅଭିଜ୍ଞତା କଥା ତାଙ୍କ ଛାତ୍ରଥିବା କାଳର ଓ ତା ପରବର୍ତ୍ତୀ କାଳର। କାହାଣୀଟିକୁ ଶୁଣନ୍ତୁ ତାଙ୍କ ନିଜ ତୁଣ୍ଡରୁ । ଘଟଣାଟି ଏହିପରି..................

ମୁଁ ସେତେବେଳେ ଏକାଦଶ ଗ୍ରେଡ଼ର ଛାତ୍ର। ଦିନେ ମୋର ଜଣେ ବନ୍ଧୁଙ୍କ ପାଇଁ ଅପେକ୍ଷା କରିବା ନିମନ୍ତେ ମୁଁ ପଶିଯାଇଥିଲି ଏକ କ୍ଲାସରୁମ୍ ଭିତରକୁ। ମୁଁ ରୁମ୍ ଭିତରକୁ ପ୍ରବେଶ କରିବାର ଠିକ୍ ପରେ ପରେ ହଠାତ୍ ଆସି ପହଞ୍ଚିଗଲେ ଶିକ୍ଷକ ଶ୍ରୀଯୁକ୍ତ ୱାଶିଂଟନ୍। ସେ ମୋତେ ଦେଖିପକାଇ ବ୍ଲାକବୋର୍ଡ଼ରେ କିଛି ସମସ୍ୟା ସମାଧାନ ବିଷୟ ଲେଖିବାପାଇଁ ନିର୍ଦ୍ଦେଶ ଦେଲେ। ଏଥିରେ ମୁଁ ଟିକିଏ ଘାବରେଇ ଗଲି। ଘାବରେଇ ଯିବା ବି ସ୍ୱାଭାବିକ।

ମୁଁ କହିଲି "ସାର୍ ମୁଁ ଏହା କରିପାରିବିନି"। "କାହିଁକି କରିପାରିବନି'' ବୋଲି ସେ ମୋତେ ପଚାରିଲେ। ମୁଁ ଉତ୍ତର ଦେଲି ,"ସାର୍, ମୁଁ ଆପଣଙ୍କର ଏକ ଛାତ୍ର ନୁହେଁ।" ମୋ ଠାରୁ ଏହା ଶୁଣି ସେ ପୁନର୍ବାର କହିଲେ, "ସେଥିରେ କିଛି ଯାଏ ଆସେ ନାହିଁ, ମୁଁ କହୁଛି ତୁମେ ବ୍ଲାକବୋର୍ଡ଼ ପାଖକୁ ଯାଅ ।" ମୁଁ ପୁଣି ଥରେ କହିଲି ସାର୍ "ମୁଁ ତାହା କରିପାରିବିନି"। ସେ ମଧ୍ୟ ପୁଣି ଥରେ ପଚାରିଲେ, "କାହିଁକି ନୁହେଁ ?" ମୁଁ ଟିକିଏ ରହିଗଲି। ମୋତେ ବି ବଡ଼ ଲାଜ ଲାଗିଲା। ମୁଁ କହିଲି, "ସାର୍, ମୁଁ ଗୋଟିଏ ମାନସିକ ଅନଗ୍ରସର ପିଲା। ଅନ୍ୟମାନଙ୍କ ତୁଳନାରେ ମୋର ବୌଦ୍ଧିକ ସାମର୍ଥ୍ୟ ନ୍ୟୁନ।" ଏହା ଶୁଣି ସେ ନିଜ ସ୍ଥାନରୁ ମୁଁ ଛିଡ଼ା ହୋଇଥିବା ସ୍ଥାନକୁ ଚାଲିଆସିଲେ। ମୋ ମୁହଁକୁ ସିଧାସଳଖ ଚାହିଁ କହିଲେ, "ମୋତେ ତୁମେ ଆଜି ଯାହା କହିଲ, ଆଉ କେବେ ସେପରି କହିବନି। ତୁମ ସଂପର୍କରେ କିଏ କଅଣ ମତ ଦେଇ କହିଛି, ତାହା ତୁମ ପାଇଁ ବାସ୍ତବ ବୋଲି ଆଦୌ ଧରି ନିଅନି।"

ମୋ ପାଇଁ ଏହା ଥିଲା ଏକ ମୁକ୍ତିର ମୁହୂର୍ତ୍ତ। ଏକ ପକ୍ଷରେ ମୋତେ ଦେଖି ଅନ୍ୟ ଛାତ୍ରଛାତ୍ରୀମାନେ ହସୁଥିଲେ। ସେମାନଙ୍କ ଦ୍ୱାରା ମୁଁ ଉପହସିତ ହେଉଥିଲି। ସେମାନେ ଜାଣିଥିଲେ ଯେ ସେମାନଙ୍କ ତୁଳନାରେ ମୁଁ ଥିଲି କମ୍ ବୁଦ୍ଧିଆ। ସେଥିପାଇଁ ମୋତେ ସଚେତନ କରିଦେଲେ ଯେ ମୋ ସଂପର୍କରେ ଅନ୍ୟ କିଏ କଅଣ କହିଲା କି ମତପୋଷଣ କଲା, ମୁଁ ସେଥିରେ ସୀମିତ ରହି ବଞ୍ଚିବା ଆଦୌ ବାଞ୍ଛନୀୟ ନୁହେଁ।

ସୁତରାଂ ସେଦିନଠାରୁ ୱାଶିଂଟନ୍ ସାର୍ ହୋଇଗଲେ ମୋର ପଥପ୍ରଦର୍ଶକ, ମୋର ବିଶ୍ୱସ୍ତ ଉପଦେଷ୍ଟା। ଏହି ଘଟଣାଟି ଘଟିବା ପୂର୍ବରୁ ମୁଁ ସ୍କୁଲରେ ଦୁଇଥର ଫେଲ ହୋଇ ସାରିଥିଲି। ମୁଁ ଯେତେବେଳେ ପଞ୍ଚମ ଗ୍ରେଡ଼ର ଛାତ୍ର, ମୁଁ ମାନସିକ ସାମର୍ଥ୍ୟ ଦୃଷ୍ଟିରୁ ଅନଗ୍ରସର ବୋଲି ଜଣା ପଡ଼ିଗଲା। ତେଣୁ ମୋତେ ପଞ୍ଚମ ଗ୍ରେଡ଼ରୁ ଚତୁର୍ଥ ଗ୍ରେଡ଼କୁ ଖସେଇ ଦିଆଗଲା। ତା'ପରେ ଅଷ୍ଟମ ଗ୍ରେଡ଼ର ପରୀକ୍ଷାରେ ମୁଁ ପୁଣି ଥରେ ଫେଲ ହୋଇଗଲି। ମାତ୍ର ଏହି ୱାଶିଂଟନ୍ ସାର୍ ମୋ ଜୀବନରେ ଏକ ଚମକପ୍ରଦ ତଥା ନାଟକୀୟ ପାର୍ଥକ୍ୟ ସଂଘଟିତ କରାଇଦେଲେ।

ମୁଁ ସବୁବେଳେ କହିଥାଏ ଯେ ୱାଶିଂଟନ୍ ସାର୍ ସର୍ବଦା ଗେଟେଙ୍କ ଚେତନାର ଅନୁସରଣ କରିଥାନ୍ତି। ଗେଟେ କହିଥିଲେ, "କୌଣସି ଲୋକଙ୍କୁ ସେ ଯେପରି, ସେହିପରି ଦେଖିଲେ ସେ କେବଳ ଆହୁରି ଖରାପ ହୋଇଯାଏ। କିନ୍ତୁ ସେ କଅଣ ହୋଇପାରିବ, ଏହି ଦିଗରୁ ଦେଖିଲେ ସେ ସେଇଆ ହୋଇଯିବ।"

ୱାଶିଂଟନ୍ ସାର୍ କାହାକୁ ନ୍ୟୁନ ଦୃଷ୍ଟିରେ ଦେଖୁନଥିଲେ। ସେ ସବୁବେଳେ ଛାତ୍ରମାନଙ୍କୁ କହିଆସୁଥିଲେ, "ମୁଁ ତୁମ୍ଭମାନଙ୍କଠାରୁ ବହୁତ କିଛି ଆଶା କରିଥାଏ। ମୋର ତୁମମାନଙ୍କର ସାମର୍ଥ୍ୟ ଉପରେ ଗଭୀର ବିଶ୍ୱାସ ରହିଛି।" ୱାଶିଂଟନ୍ ସାର୍‌ଙ୍କର ଏପରି ଉଚ୍ଚ ଆକାଂକ୍ଷା ଛାତ୍ରମାନଙ୍କୁ ଖୁବ୍ ଉତ୍ସାହିତ କରୁଥିଲା ଓ ସେମାନେ ୱାଶିଂଟନ୍ ସାର୍‌ଙ୍କର ସେମାନଙ୍କ ପ୍ରତି ଥିବା ଉଚ୍ଚ ଆକାଂକ୍ଷାର ଯୋଗ୍ୟ ହେବାନିମନ୍ତେ ପ୍ରାଣ ପଣେ ଉଦ୍ୟମ କରିଚାଲୁଥିଲେ।

ଦିନକର କଥା, ସେତେବେଳେ ମୁଁ ଜୁନିୟର କ୍ଲାସର ଛାତ୍ର। ସେ ସିନିଅର ଛାତ୍ରମାନଙ୍କୁ ଏକ ବକ୍ତୃତା ଦେଉଥିବାର ମୁଁ ଶୁଣିପାରିଲି। ସେ ସେମାନଙ୍କୁ କହିଲେ, "ତୁମେ ସମସ୍ତଙ୍କଠାରେ ପ୍ରଖ୍ୟାତ ଓ ମହାନ ହୋଇପାରିବାର ସାମର୍ଥ୍ୟ ରହିଛି। ତୁମମାନଙ୍କଠାରେ ରହିଛି ଏକ ସ୍ୱତନ୍ତ୍ରତା। ତୁମମାନଙ୍କ ଭିତରୁ କେହି ଜଣେ ବି ଯଦି ଏକ ବିଶାଳ ଦୂରଦୃଷ୍ଟିର ଝଲକ ପାଇପାରିବ, ତୁମେ ଯଦି ତୁମର ବାସ୍ତବ ପରିଚୟ ଜାଣିପାରିବ, ତୁମେ ପୃଥିବୀକୁ କେଉଁ ପ୍ରକାର ଅବଦାନ ଦେଇପାରିବ, ସେ ସଂପର୍କରେ ସଚେତନ ହୋଇପାରିବ, ତୁମଠାରେ ଥିବା ସ୍ୱତନ୍ତ୍ରତା ସଂପର୍କରେ ଅବଗତ ହୋଇପାରିବ, ତେବେ ବଦଳି ଯାଇପାରିବ ପୃଥିବୀର ରୂପ। ତୁମେ ଗର୍ବିତ କରିଦେଇ ପାରିବ ତୁମ ପିତାମାତାଙ୍କୁ। ଗର୍ବିତ କରିଦେଇ ପାରିବ ସମାଜକୁ। ତୁମେ ଲକ୍ଷଲକ୍ଷ ଲୋକଙ୍କର ଜୀବନକୁ ସ୍ପର୍ଶ କରିପାରିବ।" ୱାଶିଂଟନ୍ ସାର୍ ସିନା ଏହା କହୁଥିଲେ ସିନିଅର ଛାତ୍ରମାନଙ୍କୁ। ମାତ୍ର ମୋତେ ଲାଗୁଥିଲା ତାଙ୍କ ବକ୍ତୃତାଟି ଉଦ୍ଦିଷ୍ଟଥିଲା ମୋ ପାଇଁ।

ସାର୍‌ଙ୍କ ବକ୍ତୃତା ସରିବାପରେ ଛାତ୍ରମାନେ ସମସ୍ତେ ଦଣ୍ଡାୟମାନ ହୋଇ ତାଙ୍କ ପ୍ରତି ଶ୍ରଦ୍ଧାସମ୍ମାନ ଜ୍ଞାପନ କରୁଥିଲେ। ଏହାପରେ ସେ ତାଙ୍କ ଗାଡ଼ି ବାହାର କଲାବେଳେ ମୁଁ ଯାଇ ତାଙ୍କପାଖରେ ପହଞ୍ଚି ପଚାରିଲି, "ସାର୍, ଆପଣ ମୋତେ ମନେ ରଖିଛନ୍ତି ? ଆପଣ ଯେତେବେଳେ ସିନିଅର ଛାତ୍ରମାନଙ୍କୁ ବକ୍ତୃତା ଦେଉଥିଲେ, ମୁଁ ସେହି ଅଡ଼ିଟୋରିୟମରେ ଉପସ୍ଥିତ

ଥିଲି ।"

ସେ କହିଲେ, "ସେଠାରେ, ତୁମର କି କାମ ? ତୁମେ ତ ଜଣେ ଜୁନିୟର ।" ମୁଁ ଉତ୍ତର ଦେଲି, "ସାର୍ ଆପଣ ଯେଉଁ ବକ୍ତୃତା ଦେଉଥିଲେ, ଅଡ଼ିଟୋରିୟମର ଦ୍ୱାରବାଟେ ତାହା ବାହାରକୁ ଶୁଣାଯାଉଥିଲା । ଆପଣଙ୍କ ବକ୍ତୃତାଟି ମୋ ପାଇଁ ଉଦ୍ଦିଷ୍ଟ ଥିଲା ସାର୍ । ଆପଣ କହିଥିଲେ ଯେ ସେମାନଙ୍କଠାରେ ରହିଛି ପ୍ରଖ୍ୟାତ ଓ ମହାନ୍ ହୋଇପାରିବାର ସାମର୍ଥ୍ୟ । ସାର ମୋଠାରେ ବି କଅଣ ପ୍ରଖ୍ୟାତ ଓ ମହାନ ହୋଇପାରିବାର ସାମର୍ଥ୍ୟ ରହିଛି ?" ସାର୍ ଉତ୍ତର ଦେଲେ, "ହଁ ବ୍ରାଉନ, ନିଶ୍ଚୟ ଅଛି" ।

"ତାହା ହେଲେ ସାର୍, ମୁଁ ଇଂରାଜୀ, ଗଣିତ ଓ ଇତିହାସ ବିଷୟରେ ଫେଲ ହେଲି କାହିଁକି ? ମୋତେ କାହିଁକି ଭିନ୍ନକ୍ଷମ ଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍କୁଲରେ ପଢ଼ିବା ପାଇଁ କୁହାଗଲା ? କଅଣ ତେବେ ଏହାର କାରଣ ? ମୁଁ ଅନ୍ୟମାନଙ୍କ ତୁଳନାରେ ନପାରିବାର ? ମିଆମି ୟୁନିଭରସିଟିରେ ପଢୁଥିବା ମୋ ଭାଇ ଓ ଭଉଣୀଙ୍କ ଭଳି ମୁଁ ଏତେ ତତ୍ପର ଓ ଚତୁର ନୁହେଁ ?"

"ଏଥିରେ କିଛି ଯାଏ ଆସେ ନାହିଁ । କିନ୍ତୁ ଏତିକି କଥା ଯେ ତୁମକୁ ଆହୁରି ଅଧିକ ପରିଶ୍ରମ କରିବାପାଇଁ ପଡ଼ିବ । ତୁମେ କେଉଁ ଗ୍ରେଡ଼ରେ ପଢୁଛ, ତାହା ନିର୍ଦ୍ଧାରଣ କରି ନଥାଏ କି ତୁମେ ଜୀବନରେ କେଉଁ ପ୍ରକାରର ସଫଳତା ଅର୍ଜନ କରିପାରିବ ତାହା ସ୍ଥିର କରିନଥାଏ ।"

"ମୁଁ ମୋ ମାଆଙ୍କ ପାଇଁ ଗୋଟିଏ ଘର କିଣିବା ପାଇଁ ଚାହୁଁଛି, ହେଲେ ମୋ ପକ୍ଷେ ଏହା କ'ଣ ସମ୍ଭବ ?"

"ହଁ ବ୍ରାଉନ, ନିଶ୍ଚୟ ସମ୍ଭବ । ତୁମେ ନିଶ୍ଚୟ ଏହା କରିପାରିବ ।" ୱାଶିଂଟନ୍ ସାର ଚାଲିଯିବା ପାଇଁ ବସୁଥିବାବେଳେ ମୁଁ କହିଲି, "ସାର୍ ?"

"ହଁ କ'ଣ ହେଲା ? କିଛି କହିବ ?"

"ସାର୍ ମୋ ଭଳିଆ ଗୋଟେ ପିଲାକୁ ଆପଣ ମନେ ରଖିଛନ୍ତି । ମୋର ନାଆଟି ବି ଆପଣଙ୍କର ମନେ ଅଛି । ଆପଣ ଦିନେ ନା ଦିନେ ମୋ ପାଇଁ ଖୁବ୍ ଗର୍ବ ଅନୁଭବ କରିବେ । ହଁ ସାର, ମୁଁ ପାରିବି ।"

ମୋ ପାଇଁ ସ୍କୁଲଟି ଥିଲା ବାସ୍ତବରେ ଏକ ସଂଘର୍ଷ କ୍ଷେତ୍ର । ମୁଁ ଗୋଟିଏ ଖରାପ ଛାତ୍ର ନଥିଲି । ତେଣୁ ଗୋଟିଏ ଗ୍ରେଡ଼ରୁ ଉପର ଗ୍ରେଡ଼କୁ ଖୁସିରେ ପାସ୍ କରିଯାଉଥିଲି । ମୁଁ ଥିଲି ଗୋଟେ ଭଲ ପିଲା । ମୁଁ ଥିଲି ବଡ଼ ମଜାଳିଆ । ମୁଁ ଅନ୍ୟମାନଙ୍କୁ ହସେଇ ପାରୁଥିଲି । ମୁଁ ଥିଲି ଅତ୍ୟନ୍ତ ଭଦ୍ର । ମୁଁ ସମସ୍ତଙ୍କୁ ସମ୍ମାନ କରୁଥିଲି । ତେଣୁ ଶିକ୍ଷକମାନେ ମୋତେ ଉପର ଗ୍ରେଡ଼କୁ ପାସ୍ କରିଦେଉଥିଲେ । ଏହା କିନ୍ତୁ ମୋତେ ବାସ୍ତବ କିଛି ସାହାଯ୍ୟ କରୁନଥିଲା । କିନ୍ତୁ ୱାଶିଂଟନ୍ ସାର୍ ମୋ ଉପରେ କିଛି ଦାବି ଜାହିର କରୁଥିଲେ । ସେ ମୋଠାରୁ ଆଶା କରୁଥିଲେ ଦାୟବଦ୍ଧତା । ସେ ମୋଠାରେ ଦୃଢ଼ ଆସ୍ଥା ତଥା ବିଶ୍ୱାସ ଭରି ଦେଇଥିଲେ ଯେ ମୁଁ ପାରିବି, ମୋ ଦ୍ୱାରା ହୋଇପାରିବ ।

ସିନିଅର ଗ୍ରେଡ଼ରେ ୱାଶିଂଟନ୍ ସାର ଥିଲେ ମୋର ଶିକ୍ଷକ, ମୋର ପ୍ରକୃତ ଉପଦେଷ୍ଟା । ମୋର ମାନସିକ ଅନଗ୍ରସରିତା ଯୋଗୁ ମୋ ପାଇଁ ସ୍ୱତନ୍ତ୍ର ଭାବରେ ଶିକ୍ଷାର ବ୍ୟବସ୍ଥା ହୋଇଥିଲା । ଏଭଳି ଛାତ୍ରମାନଙ୍କୁ ବକ୍ତୃତା ଦେବା କି ନାଟକରେ ଅଂଶଗ୍ରହଣ କରିବାପାଇଁ ଦିଆଯାଉନଥିଲା । କିନ୍ତୁ ମୁଁ ଥିଲି ଏକ ବ୍ୟତିକ୍ରମ । ୱାଶିଂଟନ୍ ସାର ମୋତେ ଖୁବ୍ ଭଲପାଉଥିଲେ । ତାଙ୍କ ଓ ମୋ ଭିତରେ ଗଢ଼ି ଉଠିଥିଲା ଏକ ସୁଦୃଢ଼ ସଂପର୍କ । ମୋ ଉପରେ ତାଙ୍କର ପ୍ରଭାବ ଥିଲା ଅସାଧାରଣ । ଆମ ଦୁହିଁଙ୍କ ଭିତରେ ସ୍ଥାପିତ ହୋଇଥିବା ଏହି ପ୍ରକାରର ସମ୍ବନ୍ଧ ସ୍କୁଲ ପ୍ରିନସିପାଲ୍‌ଙ୍କ ଦୃଷ୍ଟିରୁ ବାଦ୍ ପଡ଼ିନଥିଲା । ସେ ଏହା ମଧ୍ୟ ଜାଣିଥିଲେ ଯେ ମୁଁ ପାଠପଢ଼ାରେ ଉନ୍ନତି କରିବାର ପଶ୍ଚାତରେ ଥିଲା ୱାଶିଂଟନ୍ ସାରଙ୍କର ପ୍ରୟାସ ଓ ପ୍ରଭାବ । ଏହି କାରଣରୁ ହିଁ ପ୍ରିନସିପାଲ୍ ମୋତେ ବକ୍ତୃତା ପ୍ରଦାନ କରିବା ଓ ନାଟକର କଳାକାରମାନଙ୍କ ସହ ସହର ବାହାରକୁ ଯିବାପାଇଁ ମୋତେ ଅନୁମତି ମଧ୍ୟ ମିଳିଥିଲା ।

ମୁଁ କିଏ, ମୋର ପ୍ରକୃତ ସ୍ୱରୂପ କଅଣ, ତା'ର ଏକ ବାସ୍ତବ ଚିତ୍ର ମୋଠାରେ ଗଠନ କରିଦେଇଥିଲେ ୱାଶିଂଟନ୍ ସାର । ମୋ ଭିତରେ ସେ ଅନୁପ୍ରବେଶ କରିଦେଇଥିଲେ ଏକ ସୁଦୂରପ୍ରସାରୀ ଦୃଷ୍ଟି । ତାହା ଥିଲା ମୋର ସ୍ଥିତି ଏବଂ ମାନସିକ ଅବସ୍ଥାର ଯଥେଷ୍ଟ ଊର୍ଦ୍ଧ୍ୱରେ ।

ବହୁବର୍ଷ ପରେ ମୁଁ ପ୍ରଯୋଜନା କରିଥିଲି ପାଞ୍ଚଟି ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ତାହା ସାଧାରଣ ଟେଲିଭିଜନ ମାଧ୍ୟମରେ ପ୍ରସାରିତ ହୋଇଥିଲା । ମୁଁ ମୋର କାର୍ଯ୍ୟକ୍ରମର ନାମକରଣ କରିଥିଲି 'ତୁମେ ପାରିବ ବା ୟୁ ଡ଼ିଜର୍ଭ' । ଏହା ପ୍ରସାରିତ ହୋଇଥିଲା ମିଆମି ଟେଲିଭିଜନର ଶିକ୍ଷାବିଷୟକ ଚ୍ୟାନେଲରେ । ମୋ ବନ୍ଧୁମାନଙ୍କୁ ଏହା ଖୁବ୍ ମୁଗଧ କରିଥିଲା ଓ ସେମାନେ ଫୋନ କରି ମୋତେ ଏଥିପାଇଁ ବଧେଇ ଜଣେଇଥିଲେ । ମାତ୍ର ମୁଁ ଅପେକ୍ଷା କରିଥିଲି ଡ଼େଟ୍ରଏଟରୁ ଆସିବାପାଇଁ ଥିବା ଏକ ଫୋନ କଲକୁ । କହିବାକୁ ଗଲେ ଏହି କଲ୍‌ଟିର ଅପେକ୍ଷାରେ ମୁଁ ବସିରହିଥିଲି ଫୋନ୍ ପାଖରେ ।

ସେହି ଫୋନଟି ଆସିଲା ।

ସେପଟୁ ଶୁଣାଗଲା, "ମୁଁ ଟିକିଏ ଶ୍ରୀଯୁକ୍ତ ବ୍ରାଉନଙ୍କ ସହ କଥା ହୋଇପାରିବି କି ?

"କିଏ କହୁଛନ୍ତି ଆଜ୍ଞା ?"

"କିଏ କହୁଛି, ତାହା ତୁମେ ଭଲ ଭାବରେ ଜାଣିଛ ।"

"ଓଃ, ୱାଶିଂଟନ୍ ସାର, ମୁଁ ବଡ଼ କୃତଜ୍ଞ ।"

"ତୁମେ ସେଇ ବ୍ରାଉନ ତ ? ହଁ ନା ନାହିଁ ?"

"ହଁ ସାର୍, ମୁଁ ସେଇ ବ୍ରାଉନ, ଆପଣଙ୍କ ହାତଗଢ଼ା ବ୍ରାଉନ !"

**'ଅଭୀପ୍ସା',**
**ସେକ୍ଟର-୬, ପ୍ଲଟ ନଂ-୧୧୩୧**
**ଅଭିନବ ବିଡ଼ାନାସୀ, କଟକ**



# କଥା କହିବା ପାଇଁ ଅନେକ ରହିଗଲା



ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି

ମୋ ପାଇଁ ମୋର ସହଧର୍ମିଣୀ ବିଷ୍ଣୁପ୍ରିୟା ସୁରକ୍ଷାର ଚକ୍ର ଥିଲେ। ୬ ଫେବୃଆରୀ ଅପରାହ୍ନ ୧.୧୫ରେ ଅଣବାହୁଡ଼ା ରଥରେ ବସି ବାହୁଡ଼ି ଗଲେ। ମୁଁ କି ମୋର ପରିବାର ଏକଥା ବିଶ୍ୱାସ କରିବାକୁ କିଛି ସମୟ ଲାଗିଲା। ଆମର ଆଶା ଥିଲା ଯେ ସେ ଆଉ କିଛି ବର୍ଷ ବଞ୍ଚିଯିବେ।

ଦେହ ଖରାପ ଥିଲା, କେବେ କିନ୍ତୁ ସେକଥା କହି ନାହାନ୍ତି ଆମେ ବରଂ ଯେତିକି ଜାଣୁଥିଲୁ ତାଙ୍କର ଚିକିତ୍ସା ବନ୍ଦୋବସ୍ତ କରୁଥିଲୁ। ଡାକ୍ତରଖାନାକୁ ଯିବାର ଆଗ୍ରହ ନଥାଏ। ପୁରୀରେ ତାଙ୍କ ମାମୁ ଘର। ତାଙ୍କ ବାପା ସେଇଠି ଶେଷ ଜୀବନରେ ଶ୍ରୀମନ୍ଦିରର ନିରାପତ୍ତା ଦେଖିବାର ଦାୟିତ୍ୱ ନେଇଥିଲେ। ଅତୀତରେ ପୋଲିସ ଇନ୍ସପେକ୍ଟର ଥିଲେ। ସେ ଅଭିଜ୍ଞ ଏଥିପାଇଁ ସାହାଯ୍ୟ କରିବେ ଭାବି ତାଙ୍କୁ ନିଯୁକ୍ତି ଦିଆଯାଇଥିଲା। ପୁରୀରେ ପାଠ ପଢୁଥିଲେ, ପୁରୀରେ ଅଜା, ଆଈ, ମାମୁ ଓ ମାଈଁ ସମସ୍ତଙ୍କ ସହିତ ରହୁଥିଲେ। ସେଥିପାଇଁ ମନରେ ଗର୍ବ ନଥିଲା। କେହିଁ ଚାହାଁନ୍ତୁ ନ ଚାହାଁନ୍ତୁ ମୁଁ ସେଦିନ ତାଙ୍କୁ ବିଦାୟ ଦେବାପାଇଁ ସ୍ୱର୍ଗଦ୍ୱାର ଯାଇଥିଲି। ସେ ଚିତାରେ ଶୋଇ ଜଳିଯାଇ ପଞ୍ଚଭୂତରେ ଲୀନ ହୋଇଯିବା ପର୍ଯ୍ୟନ୍ତ ମୁଁ ସେଇଠି ଥିଲି। ମୋତେ ଫେରି ଆସିବାକୁ ପଡିଲା। ଆମେ ସମସ୍ତେ ପରିବାର, ପ୍ରିୟଜନ ଅନ୍ତିମ ବିଦାୟ ଜଣାଇ ଆସିଲୁ। ସେ ସେଇଠି ସ୍ୱର୍ଗଦ୍ୱାରରେ ରହିଗଲେ। ଆମେ ଖୋର୍ଦ୍ଧା ଫେରି ଆସିଲୁ। ଗୋଟିଏ ଅନୁଭବ ଆସିଲା ଯେ ଆମ୍ଭେମାନେ ନିରାଶ୍ରିତ ହୋଇଗଲୁ। ଆମେ ବିଭିନ୍ନ କାର୍ଯ୍ୟରେ ବାହାରେ ରହିଯାଉ, ସେ ଘରେ ବସି ଆମର ଯତ୍ନ ନେଇଥାଆନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ, ଅନେକ ସମୟରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆମ ବାଟକୁ ଚାହିଁ ବସିଥାଆନ୍ତି। ଅଦ୍ଭୁତ ଚରିତ୍ର। ସମସ୍ତଙ୍କୁ ଅନେଇ ବସନ୍ତି। ଆମ ପରିବାରର, ତାଙ୍କର ପରିବାର ଉଭୟ ବୃହତ ପରିବାର। ସେ ତାଙ୍କ ମୁଣ୍ଡରେ ସମସ୍ତ କଥା ମୁଣ୍ଡାଇ ଥାଆନ୍ତି।

ସେଦିନ ସେ ଯିବା ବେଳକୁ ଅପରାହ୍ନ ହୋଇଯାଇଥିଲା। ବିଦେଶରେ ରହୁଥିବା ପୁଅ ଆସିବାକୁ ଅସୁବିଧା ହେଲା। ନାଗପୁରରେ ଥିବା ପୁଅଟି ଆସିଲା। ଆସିଲା ବେଳକୁ ରାତ୍ରି ହୋଇଗଲା। ପ୍ରାତଃ କାଳରେ ତାଙ୍କୁ ସ୍ୱର୍ଗଦ୍ୱାର ନେଇଗଲୁ। ତାଙ୍କ ମରଶରୀର ଖୋର୍ଦ୍ଧାରେ ଆମର ବାସଭବନରେ ଥିବା ପର୍ଯ୍ୟନ୍ତ ଓ ତା ପରଦିନମାନଙ୍କରେ ଅନେକ ଲୋକ ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିବାକୁ ଆସିଥିଲେ। କିଏ ତିରିଶି କି ଚାଳିଶି ବର୍ଷ ପୂର୍ବରୁ ଭେଟିଥିଲେ। କହୁଥିଲେ, “ମାଉସୀ ଆମକୁ ଅତି ଆଦରର ସହିତ ଗ୍ରହଣ କରିଥାଆନ୍ତି। ଏବେ ବଡ଼ ପୁଅ ଆସିନି। ନବମ, ଦଶମ, ଏକାଦଶ ଓ ଦ୍ୱାଦଶ କର୍ମ ବି ସରିଯିବ। ଅନୁଶୋଚନା ଯେ ସେ ମୁଖାଗ୍ନି ଦେଇପାରିଲା ନାହିଁ।

ଗୋଟିଏ କଥା ନ କହି ରହିପାରୁ ନାହିଁ। ମୋର ଜଣେ ବିଧବା ଭଉଣୀ ମୋ ପାଖରେ ରହୁଥିଲେ। ତାଙ୍କର ବିୟୋଗ ଘଟିଲା। ତାଙ୍କୁ ପୁରୀ ସ୍ୱର୍ଗଦ୍ୱାରକୁ ସଂସ୍କାର ପାଇଁ ନେଇଗଲୁ। ବିଷ୍ଣୁପ୍ରିୟା ଓ ଆମ ପରିବାରର ସମସ୍ତେ ସ୍ୱର୍ଗଦ୍ୱାରକୁ ଯାଇଥିଲୁ। ମୋ ସ୍ତ୍ରୀ ପୁରୀରୁ ଫେରିଆସିଲେ।

କିଛିଦିନ ଅତିବାହିତ ହୋଇଗଲା। ଦିନେ କହିଲେ, “ମୋତେ ତୁମ ଭଉଣୀଙ୍କ ପରି ସ୍ୱର୍ଗଦ୍ୱାରକୁ ନେଇଯାଇ ସତ୍କାର କରିବ ।” କ’ଣ ଭାବିଲେ କେଜାଣି। ଅତୀତରେ ଶବ ଶୋଭାଯାତ୍ରା ହୁଏତ ଦେଖି ନଥିବେ। ଭଉଣୀର ଅନ୍ତିମ ଯାତ୍ରା ତାଙ୍କୁ ପ୍ରଭାବିତ କରିଥିବ। ଭାବିଥିବେ ମୁଁ ତାଙ୍କୁ ତାଙ୍କର ବିୟୋଗ ପରେ ଠିକ୍ ଭାବରେ ସତ୍କାର କରିପାରିବି।

ସେଦିନ ଅନ୍ତିମ ଯାତ୍ରାରେ ତାଙ୍କ ଶବ ଫ୍ରିଜରରେ ଥୁଆ ହୋଇଥିଲା। ସବୁ ପ୍ରିୟଜନଙ୍କର ଫୁଲର ଶ୍ରଦ୍ଧା ସୁମନରେ ପୋତି ହୋଇ ଯାଇଥିଲେ। ଚିତା ଜଳିବା ପୂର୍ବରୁ ତାଙ୍କ ମୁହଁ ଛଡା କିଛି ଦେଖାଯାଉ ନଥିଲା। ସବୁଦିନ ପାଇଁ ସେ ଲୁଚିଗଲେ, ଚିତା ହୁ ହୁ ହୋଇ ଜଳୁଥିଲା। ତାଙ୍କ ଜୀବନର ଅନ୍ତ ଘଟିଲା। ତାଙ୍କର ଓ ମୋର ବଡ଼ ବୋହୂ ଦେଢ ମାସ ପୂର୍ବରୁ ଯୁକ୍ତରାଜ୍ୟ ୱେଲ୍ସ ରାଜଧାନୀ କାର୍ଡିଫରେ ଚାଲିଯାଇ ଥିଲେ। ପରିବାର ଏପରି ଦୁଃଖକୁ ସହିନେବା ଛଡା ଆଉ ଉପାୟ ନଥିଲା। ବିଶ୍ୱ ନିୟନ୍ତାଙ୍କୁ ପ୍ରାର୍ଥନା ଯେ ସେ ଯଦି ଶାନ୍ତି ଓ ସାନ୍ତ୍ୱନା ପ୍ରଦାନ କରିବେ।

ବିଷ୍ଣୁପ୍ରିୟାଙ୍କ ବିୟୋଗ ଅତ୍ୟନ୍ତ ଆଘାତ ଦେଇଥିଲା। ମୋ ସହଧର୍ମିଣୀ ବୋଲି କହୁନାହିଁ, କିନ୍ତୁ ଅନେକ କଥାରେ ତାଙ୍କର ଅସାଧାରଣ ଚରିତ୍ର ଓ ବ୍ୟକ୍ତିତ୍ୱ ଆମକୁ ବିସ୍ମିତ କରୁଥିଲା। ଅତୀତରେ ଏତେ ଦରମା ମିଳୁ ନଥିଲା।



ଯାହାର ମନ ଦବି ଆସୁଛି, ପ୍ରଶଂସା ତାପାଇଁ ଟନିକ୍ ଭଳି କାମ କରେ। - ଟ୍ରିୟନ୍

ସେ ରୁଟି ଗୁଡ଼ ଖୁଆଇ ପିଲାଙ୍କୁ ମଣିଷ କରିଛନ୍ତି। କିଏ ବି ପ୍ରିୟଜନଟିଏ ଘରକୁ ଆସିଲେ ତାଙ୍କୁ ଆନନ୍ଦରେ ଖୁଆନ୍ତି। ନିଜେ ଉପାସ ରହିଯାଆନ୍ତୁ ପଛେ। ତାଙ୍କ ହୃଦୟରେ ଅନୁଭବ ବି ନିଆରା ସେଇ ଅନୁଭବକୁ ଭିତ୍ତିକରି କବିତା ଓ ଗଳ୍ପ ମଧ୍ୟ ଲେଖୁଥିଲେ। ସେଥିପାଇଁ ପୁରସ୍କୃତ ହୋଇଛନ୍ତି ମଧ୍ୟ।

ଏହି ଖୋର୍ଦ୍ଧାରେ ଗୋଟିଏ ଇନରହୁଇଲ୍ (ଆନ୍ତର୍ଜାତିକ) କ୍ଲବଟିଏ ପ୍ରତିଷ୍ଠିତ ହୋଇଥିଲା। ସେ ତା'ର ପ୍ରତିଷ୍ଠାତା ସଭ୍ୟା ଥିଲେ। ଖୋର୍ଦ୍ଧା ମହିଳା କଲେଜର ପରିଚାଳନା ସମିତିର ମହିଳା ସଭ୍ୟା ଥିଲେ। ଏସବୁ କାର୍ଯ୍ୟ ପାଇଁ ତାଙ୍କର ଆଗ୍ରହ ଥିଲା। କିଛି ସମୟ ପରେ ସେ ଆଉ ମହିଳା କଲେଜରେ ସଭ୍ୟା ରହିଲେ ନାହିଁ, କିନ୍ତୁ ଯେତେବେଳେ ସେ କଲେଜରୁ ନିମନ୍ତ୍ରଣଟିଏ ଆସେ, ସେ ତାଙ୍କୁ ବହୁତ ଦିନ ପର୍ଯ୍ୟନ୍ତ ସାଇତି ରଖନ୍ତି। ମୁଁ ଦୋଷୀ ହେଲାପରି ଅନୁଭବ କରେ। ମୁଁ ତାଙ୍କ ଇଚ୍ଛା ଅନୁସାରେ ଏମିତି ସଭ୍ୟା ପଦ ଆଉ କେଉଁଠି କରି ପାରିଥାଆନ୍ତି।

କ'ଣ ହେଲା କେଜାଣି ବିୟୋଗର କିଛି ମାସ ପୂର୍ବରୁ ମୋତେ ବସେଇ ଉଠେଇ ଦେଲେ ନାହିଁ। ମୋତେ "ବାପା ବାପା" ଡାକି ଖୋଜିଲେ। ବିୟୋଗର ସାତଦିନ ପୂର୍ବରୁ ଆଉ ଡାକିଲେ ନାହିଁ। ମୋତେ ଏବେ ଲାଗୁଛି କ୍ରମେ ଆତ୍ମମାନଙ୍କ ସଂପର୍କ ତୁଟାଇ ଦେଲେ। ମୁଁ ତ ଅବସର ଜୀବନଟି କାଟୁଛି। ତଥାପି ଯେଉଁ ଦୁଇ ଘଣ୍ଟା ବାହାରକୁ ଯାଇଥାଏ ସେ ଦାଣ୍ଡ ବାରଣ୍ଡାରେ ମୋତେ ଜଗି ବସିଥାଆନ୍ତି। ଜୀବନରେ ଅନେକ ସଂଘର୍ଷ ଓ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ମୁଁ ବି ଓ ପରିବାରର ସମସ୍ତେ ବିବ୍ରତ ହୋଇପଡୁ। ସେ କିନ୍ତୁ ଅତି ଧୈର୍ଯ୍ୟର ସହିତ ଚୁପ୍‌ଚାପ ସବୁ ସହି ନିଅନ୍ତି। ବିଷ୍ଣୁପ୍ରିୟାଙ୍କର ଅବର୍ତ୍ତମାନରେ ଯେଉଁ ଶୂନ୍ୟତା ସହଜରେ ପୂରଣ ହୋଇ ପାରିବ ନାହିଁ।

ଜେଲରୋଡ଼, ଖୋର୍ଦ୍ଧା
ମୋ - ୯୪୩୭୩୦୨୪୧୭

## ଦୁଇଟି କ୍ଷୁଦ୍ର ଗଳ୍ପ



**ଶିବ ମିଶ୍ର**

### ଦୂରଦୃଷ୍ଟି

ନିର୍ମାଣ ବିଭାଗ କାର୍ଯ୍ୟାଳୟ ନିକଟରେ ଥିବା ସ୍କୁଲ ଘରର କାନ୍ଥ ଅନେକଦିନ ହେଲା ଫାଟି ଯାଇଥିଲା। ଏଇ କେତେ ଦିନର ଲଗାଣ ବର୍ଷାରେ ସେ ଘର ଭୁଷୁଡ଼ି ପଡ଼ିଲା। ଏ ଖବର ପାଇ ବିଭାଗୀୟ ମନ୍ତ୍ରୀ ଆସିଲେ। ଭଙ୍ଗା ଘରକୁ ଦେଖିଲେ। ସେଇଠୁ ନିର୍ମାଣ ବିଭାଗ କାର୍ଯ୍ୟାଳୟକୁ ଯାଇ ମୁଖ୍ୟ ଅଧିକାରୀଙ୍କୁ କହିଲେ। ଏଇ ପାଖରେ ଥିବା ସ୍କୁଲଘର ଭାଙ୍ଗିଗଲା, ଆପଣ ଏଇଠି ଥାଇ ମଧ୍ୟ ତା ଉପରେ ନଜର ଦେଲେ ନାହିଁ। ଏବେ ଲୋକମାନେ ଆପଣଙ୍କୁ ଚାକିରୀରୁ ଛଟେଇ କରିବା ପାଇଁ ଦାବୀ କରୁଛନ୍ତି।

ମୁଖ୍ୟ ଅଧିକାରୀ କହିଲେ - ଆପଣଙ୍କ ପୈତୃକ ଘରକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଜଳ ପ୍ରତିରୋଧକ ରଙ୍ଗ ଲଗାଇବା, ଆପଣଙ୍କ ସ୍ତ୍ରୀଙ୍କର ଗମନାଗମନ ସୁବିଧା ପାଇଁ ନୂଆ କାର୍ କିଣିବା, ଭଡ଼ା ଘରେ ରହୁଥିବା ଆପଣଙ୍କ ଚାକିରିଆ ଜ୍ୱାଇଁଙ୍କ ପାଇଁ ନିଜସ୍ୱ ଘର ତିଆରି କରିବା ଇତ୍ୟାଦି ଇତ୍ୟାଦି। ଦୂର କାମଗୁଡ଼ିକ ଦେଖିବା ଭିତରେ ଏଇ ପାଖ କାମରେ ନଜର ଦେଇ ହୋଇ ନାହିଁ।

ମନ୍ତ୍ରୀ ମହୋଦୟ ଅଫିସରୁ ବାହାରି ଆସି ରୁଣ୍ଡ ହୋଇଥିବା ଲୋକମାନଙ୍କୁ କହିଲେ,ଚାରି ଆଡ଼କୁ ଆଲୁଅ ଯୋଗାଉଥିବା ଦୀପତଳ ଅନ୍ଧାର ରହେ; ସେଥିପାଇଁ ଦୀପକୁ ଭାଙ୍ଗି ଦିଆ ଯାଏ ନାହିଁ। ତେଣୁ ଏହି ଅଧିକାରୀଙ୍କୁ ନିଲମ୍ବିତ କରାଯାଇ ପାରିବ ନାହିଁ। କାରଣ ନିକଟ ଦୃଷ୍ଟି କମ୍ ଥିଲେ ବି ତାଙ୍କ ପାଖରେ ରହିଛି ପ୍ରଖର ଦୂରଦୃଷ୍ଟି।

### ଉତ୍କ୍ଷେପଣ କେନ୍ଦ୍ର

ଗାଁ ମୁଣ୍ଡରୁ ମଦ ଦୋକାନ ଉଠାଇବା ଦାବୀ ପୂରଣ ହେବ ନାହିଁ ବୋଲି ଜାଣିବା ପରେ ସେ ଗାଁ ଲୋକେ କହିଲେ- ତେବେ ସେଇଠି, "ମଦ ଦୋକାନ" ଲେଖା ହୋଇଥିବା ସାଇନ୍ ବୋର୍ଡ ବଦଳାଇବାକୁ ହେବ। କାରଣ ସେହି ବାଟ ଦେଇ ସ୍କୁଲକୁ ଯାଉଥିବା ପିଲାମାନଙ୍କ ଉପରେ ଏହାର ପ୍ରଭାବ ପଡୁଛି। ତେବେ, ସେ ଲେଖାକୁ ବଦଳାଇ ସେଥିରେ କ'ଣ ଲେଖା ହେବ ?

ଏହି ସମସ୍ୟାର ସମାଧାନ ପାଇଁ ଗାଁ ମଣ୍ଡପରେ ସଭା ବସିଲା। ପ୍ରଥମେ ଗାଁ ମୁଖିଆ କହିଲେ - ମଦ ପିଇବା ଦ୍ୱାରା କେବଳ ଧନହାନୀ, ମାନହାନୀ ହୁଏ ନାହିଁ, ଏହା ସହିତ ସ୍ୱାସ୍ଥ୍ୟ ହାନୀ ହୁଏ। ମଣିଷ ମରି ହଜି ଯାଏ। ସଭାରେ ବସିଥିବା ଗାଁ ପୁରୋହିତ ଆଜ୍ଞା, ହଠାତ୍ ଠିଆ ହୋଇ କହିଲେ- ନା ନା ଏ କଥା ଠିକ୍ ନୁହେଁ। ମଣିଷ ମଲେ ହଜିଯାଏ ନାହିଁ, ତା'ର ଠିକଣା ବଦଳି ଯାଏ। ଶାସ୍ତ୍ର କହୁଛି - ମଲା ମଣିଷ ମର୍ତ୍ତ୍ୟ ଲୋକରୁ ଯାଇ ଚନ୍ଦ୍ର ଲୋକରେ ବାସ କରେ।

ତାଙ୍କ କଥା ଶୁଣିବା ପରେ ଗାଁ ର ଜଣେ ଶିକ୍ଷିତ ଯୁବକ କହିଲା- ତେବେ ଆମର ସମସ୍ୟା ସମାଧାନ ହୋଇଗଲା। ଏବେ ଆପଣମାନେ ମୋ ସହିତ ଆସନ୍ତୁ। ତା'କଥା ମାନି, ସମସ୍ତେ ଗଲେ। ସେ ଦୋକାନ ଆଗରେ ଲାଗିଥିବା ସାଇନ୍ ବୋର୍ଡକୁ ଆଣି ସେଥିରେ, ଲେଖାଥିବା 'ମଦ ଦୋକାନ' କୁ ଲିଭାଇ ସେ ଯୁବକ ସେଇଠି ଲେଖି ଦେଲା - 'ଚନ୍ଦ୍ରଯାନ ଉତ୍କ୍ଷେପଣ କେନ୍ଦ୍ର'।

**ବାଣପୁର, ଖୋରଧା, ଦୂରଭାଷ - ୯୮୫୩୦୭୦୦୧୮**



ଏଇଟା ଖରାପ, ସେଇଟା ଖରାପ ବୋଲି ଭାବିକରି କିଛି ଲାଭ ନାହିଁ। ପ୍ରକୃତରେ କେଉଁଟା ଭଲ - ତାହାହିଁ ବାଛିବାରେ ଲାଗିପଡ଼। - କମରସନ

# ଚମତ୍କାର ଚରିତ୍ର



ରମାକାନ୍ତ ମିଶ୍ର

ପୂର୍ବକାଳରେ ରାଜ୍ୟର ସର୍ବୋଚ୍ଚ ଶାସନକର୍ତ୍ତା ରାଜା ମହାରାଜାମାନେ ପ୍ରଜାମାନଙ୍କର ଦୁଃଖ ଦୁର୍ଦ୍ଦଶା ଜାଣିବା ନିମିତ୍ତ ରାଜ୍ୟର ବିଭିନ୍ନ ସ୍ଥାନ ଭ୍ରମଣ କରୁଥିଲେ। ରାଜାମାନେ ଚରଚକ୍ଷୁ ହେଲେ ମଧ୍ୟ କୌଣସି ପ୍ରତ୍ୟକ୍ଷ ଅନୁଭୂତି ପ୍ରାପ୍ତ ହେବ। ଅଥବା ପ୍ରଜାମାନଙ୍କର ନିକଟତର ହୋଇ ଶ୍ରଦ୍ଧାର ପାତ୍ର ହେବା ସେମାନଙ୍କର ଲକ୍ଷ୍ୟ ଥିଲା। ରାଜା କ୍ଷମତାସୀନ ହୋଇ ଭୋଗ ବିଳାସର ପ୍ରାଚୁର୍ଯ୍ୟରେ ଉନ୍ମତ ହୋଇ କେବଳ ସିଂହାସନାରୂଢ଼ ରାଜା ରାଜଧର୍ମର ଅପବ୍ୟବହାର କରେ। ସେପରି ରାଜା ପ୍ରଜାମାନଙ୍କର ଶ୍ରଦ୍ଧାଭାଜନ ହୋଇପାରେ ନାହିଁ। ପ୍ରଜାମାନଙ୍କର ନିକଟବର୍ତ୍ତୀ ହୋଇ ସେମାନଙ୍କର ଦୁଃଖ ଦୈନ୍ୟକୁ ହୃଦୟଙ୍ଗମ କରି ସହାୟତା ଓ ସୁରକ୍ଷା ପ୍ରଦାନ କରୁଥିବା ରାଜା ହିଁ ପ୍ରକୃତ ରାଜପଦବାଚ୍ୟ। ସୁତରାଂ ପୂର୍ବକାଳରେ ରାଜାମାନେ ଅନୁଚରମାନଙ୍କ ସହିତ ରାଜ୍ୟ ପରିଭ୍ରମଣ କରୁଥିଲେ।ଏପରିକି ରାଜ୍ୟର କିଛି ରହସ୍ୟ ବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜିଜ୍ଞାସୁ ହୋଇ ଘୋର ଅନ୍ଧକାର ରାତ୍ରିରେ ଏକାକୀ ଖଡ୍ଗ ହସ୍ତରେ ଗୁପ୍ତଚର ପରି ମଧ୍ୟ ନଗର ଭ୍ରମଣ କରୁଥିଲେ।

ଏକଦା ଇତିହାସ ପ୍ରସିଦ୍ଧ ଏକାଦଶ ଶତାବ୍ଦୀର ମହାରାଜ ଭୋଜ ନିଜ ନଗରରେ ପରିଭ୍ରମଣ କରୁଥିଲେ। ସେ ସଂସ୍କୃତ ଭାଷାରେ ଅଗାଧ ପାଣ୍ଡିତ୍ୟ ଅର୍ଜନ କରିଥିଲେ। ଶାସ୍ତ୍ରତର୍କ ଓ ରହସ୍ୟ ଜିଜ୍ଞାସା ଥିଲା ତାଙ୍କର ଅତିପ୍ରିୟ। ନଗର ପରିଭ୍ରମଣ କାଳରେ ସେ ଜନୈକ ବ୍ରାହ୍ମଣ ଗୃହସ୍ଥର ଦ୍ୱାର ଅତିକ୍ରମ କରିବା ସମୟରେ ବ୍ରାହ୍ମଣ ବୈଶ୍ୱଦେବ କର୍ମପରେ ଗୃହ ବାହାରକୁ ଆସି ଭୂତ ବଳି ଦେଉଥିଲେ। ବ୍ରାହ୍ମଣମାନଙ୍କ ଗୃହରେ ପ୍ରତିଦିନ ରନ୍ଧନ ପରେ ପ୍ରସ୍ତୁତ ଅନ୍ନକୁ ନେଇ ବୈଶ୍ୱଦେବ କର୍ମ କରାଯାଏ। ଏଥିରେ ପିତୃ ପୁରୁଷ ଓ ଋଷିମାନଙ୍କୁ ପ୍ରତିଦିନ ତୃପ୍ତ କରାଯାଏ। ଶେଷରେ ଶ୍ୱାନ, କାକ ଆଦି ପ୍ରାଣୀମାନଙ୍କ ଉଦ୍ଦେଶ୍ୟରେ ଘର ବାହାରେ ତିନିଥର ସେହି ଅନ୍ନ ବଳି ଦିଆଯାଏ। ସେହି ଅନ୍ନ ବଳି ଦେବା ସମୟରେ ବ୍ରାହ୍ମଣଙ୍କର ପତ୍ନୀ ତାଙ୍କ ପୃଷ୍ଠ ଭାଗରେ ରହି ସହାୟତା କରୁଥିଲେ। ହଠାତ୍ ଗୋଟିଏ ଦ୍ରୋଣକାକ(ଡାମରା କାଉ) ଉଡ଼ିଆସି ଜୋର୍‌ରେ କା'କା' ରଡିକରି ବଳିଅନ୍ନ ଖାଇବାକୁ ଲାଗିଲା। ଏହାଦେଖି ବ୍ରାହ୍ମଣ ପତ୍ନୀ ଭୟରେ କାତର ହୋଇ ମା' ବାପା ବୋଲି ଡାକି ଗୃହ ଭିତରକୁ ଦୌଡ଼ି ପଳାଇଲା। ବ୍ରାହ୍ମଣ ମଧ୍ୟ ବଳି କର୍ମସାରି ବ୍ରାହ୍ମଣୀର ଅନୁଗମନ କରି ଗୃହ ମଧ୍ୟକୁ ଗଲେ। ସାଧାରଣ କାକ ରଡ଼ି ଭୟରେ ଭୀତତ୍ରସ୍ତା ଧର୍ମପତ୍ନୀଙ୍କୁ ବହୁବୋଧ ଦେଇ ତାଙ୍କ ଭୟ ଦୂର କରିବାର ପ୍ରଚେଷ୍ଟା କଲେ।

ମହାରାଜ ଭୋଜ ସ୍ୱଚକ୍ଷୁରେ ଏହି ଦୃଶ୍ୟ ଅବଲୋକନ କରି ଅତ୍ୟନ୍ତ ବିସ୍ମିତ ହେଲେ। ତାଙ୍କର ଜିଜ୍ଞାସୁ ମନ ଏହାର କାରଣ ଜାଣିବା ପାଇଁ ବ୍ୟଗ୍ରହୋଇ ଉଠିଲା। ରାଜା ବିଚାର କଲେ କାକ ଏକ ସାଧାରଣ ପକ୍ଷୀ, ସେ ଭୟଙ୍କର ନୁହେଁ। ପ୍ରାୟତଃ ଅଧିକାଂଶ ନାରୀ ବିଦେଶରେ ଥିବା ବନ୍ଧୁଙ୍କ ଭଲ ମନ୍ଦ ବାର୍ତ୍ତା ଜାଣିବା ପାଇଁ ଚାଉଳ ପୁଞ୍ଜିଦେଇ କାକକୁ ଡାକନ୍ତି। ପୁନଶ୍ଚ ନବବଧୂମାନେ ବିଦେଶଗତ ପ୍ରାଣ ପ୍ରିୟ ପତିର କୁଶଳ ଓ ଆଗମନ ବାର୍ତ୍ତା ଜାଣିବା ପାଇଁ ଚାଉଳ ଦେଖାଇ କାକକୁ ଡାକି ପୁଞ୍ଜି ଦିଅନ୍ତି। ମା'ଟିଏ ଅବୋଧ ଶିଶୁକୁ କାଖରେ ଧରି କାକକୁ ଦେଖାଇ ନାନା ବାକ୍ୟ କହି ଶିଶୁକୁ ଅନ୍ନ ଭୁଞ୍ଜାଇ ଥାଏ। ଏପରି ବିଭିନ୍ନ କାରଣରୁ କାକ ନାରୀମାନଙ୍କର ପ୍ରିୟପାତ୍ର ହୋଇଥାଏ। ଏପରି ସ୍ଥଳେ ବ୍ରାହ୍ମଣ ପତ୍ନୀ କାକ ରଡ଼ିକୁ ଡରିବାର କାରଣ କ'ଣ ହୋଇପାରେ ? ଏହାର ରହସ୍ୟ ଜାଣିବା ପାଇଁ ଭୋଜରାଜଙ୍କ ମନରେ ଆଲୋଡ଼ନ ସୃଷ୍ଟି ହେଲା। ସେ ନିଜେକିଛି ସ୍ଥିର କରିନପାରି ଚିନ୍ତାକଲେ ଏହାକୁ ପ୍ରଶ୍ନ କରି ପଣ୍ଡିତ ସଭାରେ ଉପସ୍ଥାପନ କରିବେ। ନିଶ୍ଚୟ କିଛି ସାରାଂଶ ବାହାରିବ।

ପରଦିନ ମହାରାଜ ଭୋଜ ନିଜର ନିତ୍ୟକର୍ମ ସମାପନ କରି ରାଜସଭାକୁ ଆସି ସିଂହାସନରୂଢ଼ ହେଲେ। ମନ୍ତ୍ରୀ ପରିଷଦ, ବିଦୁଷକ, ଗାୟକ, ଭାଟ ଓ ପଣ୍ଡିତ ମଣ୍ଡଳିରେ ପରିପୂର୍ଣ୍ଣା ରାଜସଭା। ରାଜାଙ୍କ ସ୍ତବଗାନପରେ ଆରମ୍ଭ ହେଲା ସାହିତ୍ୟ, ଶାସ୍ତ୍ର ଆଦିର ଆଲୋଚନା। ତାହା ମଧ୍ୟରେ ସୁଯୋଗ ଦେଖି ରାଜା କହିଲେ, "ପ୍ରିୟ ପୂଜ୍ୟ ପଣ୍ଡିତ ସମାଜ ! ମୁଁ ଆପଣମାନଙ୍କ ଆଗରେ ଗୋଟିଏ ପାଦ ଶ୍ଳୋକ କହୁଛି ଏହାର ଦ୍ୱିତୀୟ ପାଦ ଆପଣମାନେ ଚିନ୍ତା କରି କହିବେ।" ଏହା କହି ରାଜା ଶ୍ଳୋକ ପାଦଟି ପାଠ କଲେ। ଯଥା -

"ଦିବା କାକରୁତାଦ୍‌ଭୀତା"

(ଦିନରେ କାକ ରଡ଼ିକୁ ଡରୁଥିବା ନାରୀ)

ଏହା ପାଠକରି ଜଣଜଣ କରି ପଚାରିଲେ ମଧ୍ୟ ଫକ୍କିଟିର ଭାବ ଅର୍ଥ ସହିତ ମେଳହେବା ପରି ୨ୟ ପାଦ କେହି ପାଠ କରିପାରିଲେ ନାହିଁ। କାକ ରଡ଼ିକୁ କେଉଁ ନାରୀ ବା ଭୟ କରେ ? ଭାବି ଭାବି ସମସ୍ତେ ଥକ୍କି ଗଲେ। ଶେଷରେ ରାଜା କବିଶ୍ରେଷ୍ଠ କାଳିଦାସଙ୍କୁ ତାହା ପଚାରିଲେ।

କାଳିଦାସ ଉତ୍ତର କଲେ। ଯଥା -

"ରାତ୍ରୌ ତରତି ନର୍ମଦାମ୍"

(ରାତିରେ ନର୍ମଦାନଦୀକୁ ପାର ହୁଏ)

ଏହା ଶୁଣି ଭୋଜରାଜ ବିସ୍ମିତ ହେଲେ, କାରଣ ଦିନରେ କାକ ରଡ଼ିକୁ ଭୟ କରୁଥିବା ନାରୀ ପୁଣି ରାତିରେ ନର୍ମଦା ନଦୀକୁ ପହଁରି ପହଁରି ପାର ହୁଏ। ରହସ୍ୟ ଜିଜ୍ଞାସୁ ରାଜା ୩ୟ ପାଦଟି ପ୍ରଶ୍ନ ଭାବରେ ପାଠ କଲେ। ଯଥା -

"ତତ୍ର ସନ୍ତି ଜଳେ ଗ୍ରାହାଃ"

(ସେହି ନଦୀ ଜଳରେ ତ ବହୁତ କୁମ୍ଭୀର ଅଛନ୍ତି)

ଏପରି ତୃତୀୟ ପାଦଟି ଶୁଣି ସର୍ବଜ୍ଞ କାଳିଦାସ ୪ର୍ଥ ପାଦଟି ପାଠକଲେ। ଯଥା



ଦାରିଦ୍ର୍ୟ ଅତ୍ୟନ୍ତ ଦୁଃଖଦାୟକ କିନ୍ତୁ ତାଠାରୁ ଅଧିକ ଦୁଃଖଦାୟକ ହେଉଛି ଋଣ। - ସ୍ୱର୍ଜନ

- "ମର୍ମଜ୍ଞାସୈବସୁନ୍ଦରୀ"

(ସେହି ସୁନ୍ଦରୀ ସେମାନଙ୍କ ମନକଥା ଜାଣେ)

ଏହାଶୁଣି ରାଜାଙ୍କ ମନରେ ପ୍ରକୃତ ରହସ୍ୟ ଜାଣିବାର ଇଚ୍ଛା ଜାଗ୍ରତ ହୁଅନ୍ତେ କାଳିଦାସ ତାହା ବୁଝାଇ ଦେଲେ -

"ଦିନରେ କାକ ରଡ଼ିକୁ ଭୟ କରୁଥିବା ବ୍ରାହ୍ମଣୀର ତାହା ନିଜ ସ୍ୱାମୀକୁ ଓ ଅନ୍ୟମାନଙ୍କୁ ଦେଖାଇ ଦେଉଥିବା ଛଳନାମାତ୍ର, ସେହି ନାରୀ ଏକ ବିଟପୀ। ନିଜକୁ ସତୀ ପରି ଦେଖାଇ ହୁଏ। ପ୍ରତିଦିନ ରାତିରେ ସ୍ୱାମୀ ଗାଢ଼ ନିଦ୍ରାରେ ଯିବାବେଳେ ଗୃହରୁ ବାହାରି ନର୍ମଦା ନଦୀର ପରପାରରେ ଥିବା ନିଜ ପ୍ରେମିକ ବିଟ ପୁରୁଷ ପାଖକୁ ଯାଏ। ଜଳପୂର୍ଣ୍ଣା ନଦୀକୁ ପହଁରି ପହଁରି ପାର ହୁଏ। ନଦୀ ଜଳରେ ବହୁ କୁମ୍ଭୀର ଥିବାରୁ ସେହି ବିଟପୀ ନାରୀ ପୂର୍ବ ଯୋଜନା ଅନୁଯାୟୀ ନିକଟସ୍ଥ କଂସେଇ ଗୃହକୁ ଯାଇ ବଡ଼ ବୁଜୁଳା କରି ମାଂସ ଆଣିଥାଏ। ପହଁରିବା ସମୟରେ କୁମ୍ଭୀର ଦେଖି ପୁଳାଏ ମାଂସ ତା' ମୁହଁକୁ ଭସାଇ ଦିଏ। ଏପରି ସେହି ନାରୀ ନଦୀପାର ହୋଇଯାଏ। ଜାର ପୁରୁଷ ସହିତ ହସରସରେ ମନର ପିପାସା ମେଣ୍ଟାଇ ପ୍ରଭାତ ହେବା ପୂର୍ବରୁ ପୁଣି ନଦୀ କୁମ୍ଭୀରମାନଙ୍କୁ ମାଂସ ଦେଇ ଫେରିଆସେ। କୁମ୍ଭୀରମାନଙ୍କର ମାଂସ ଭୋଜନ ହିଁ ମୁଖ୍ୟ ଲକ୍ଷ୍ୟ ତେଣୁ ସେମାନଙ୍କ ମର୍ମ(ହୃଦୟ)କଥା ଜାଣି ସେ ନିଜ ସଙ୍ଗରେ ମାଂସ ନେଇ ଯାଇଥାଏ।"ମହାରାଜ ଭୋଜ ଓ ପଣ୍ଡିତ କାଳିଦାସଙ୍କ ପ୍ରଶ୍ନୋତ୍ତରମୂଳକ ଆଳାପରୁ ଏପରି କୌତୁକପ୍ରଦ ଶ୍ଳୋକଟିରେ ଜନ୍ମ ନେଲା।

ଯଥା:- ଦିବାକାକରୁତାଦ୍‌ଭୀତା ରାତ୍ରୋତରତିନର୍ମଦାମ୍

ତତ୍ରସନ୍ତି ଜଳେଗ୍ରାହାଃମର୍ମଜ୍ଞା ସୈବସୁନ୍ଦର

ଏପରି ବହୁ ଚମତ୍କାର ଚରିତ୍ରରେ ପରିପୂର୍ଣ୍ଣ ଆଜିର ମାନବ ସମାଜ। ବିବାହ ବେଦୀରେ ଦେବତା ଅଗ୍ନି, ବ୍ରାହ୍ମଣ ସନ୍ନିଧିରେ ସଂକଳ୍ପିତ ପ୍ରାଣରେ ବାନ୍ଧି ହୋଇଥିବା ଧର୍ମ ପତ୍ନୀ ଯଦି ନିଜର ସରଳ ପ୍ରାଣ ସ୍ୱାମୀ ନିକଟରେ ଏପରି ପ୍ରବଞ୍ଚନା କରେ ତେବେ ଜଗତରେ ମନୁଷ୍ୟ ବିଶ୍ୱାସ କରିବ କହାକୁ? ଏହା କେବଳ ନାରୀ ଚରିତ୍ର ନୁହେଁ। ପୁରୁଷ ଚରିତ୍ର ମଧ୍ୟ ତତୋଽଧିକ ବିବାହ କରିବା ପରେ ମଧ୍ୟ ବହୁ ପୁରୁଷ ନିଜ ଧର୍ମ ପତ୍ନୀ ସହ କପଟ ପ୍ରେମ ରଖି ଅନ୍ୟ ସ୍ତ୍ରୀ ସହିତ ନିଜର ପ୍ରକୃତ ପ୍ରେମ ରଖିଥାନ୍ତି। ଏହିପରି ଅନୈତିକତା, ଶଠତା ଓ କାମାତୁରତା ଆଜିର ସମାଜ ଚରିତ୍ରକୁ କଳୁଷିତ କରୁଅଛି। ଏହି କାରଣରୁ ବହୁ ଜଘନ୍ୟ ହତ୍ୟା, ଆତ୍ମହତ୍ୟା ଓ ଛାଡ଼ପତ୍ର ଆଦି ଘଟଣା ପ୍ରତିଦିନ ଅସଂଖ୍ୟ ପରିମାଣରେ ଘଟି ଚାଲିଅଛି। ଏପରି କର୍ମରେ ଲିପ୍ତ ନାରୀପୁରୁଷ ସ୍ୱଚ୍ଛଦାମ୍ପତ୍ୟ ପ୍ରେମ ଓ ଶାନ୍ତି ପୂର୍ଣ୍ଣ ଜୀବନ ଯାତ୍ରା କରିପାରନ୍ତି ନାହିଁ। ଏହାର ଅସଂଖ୍ୟ ଦୃଷ୍ଟାନ୍ତ ସମ୍ବାଦ ପତ୍ର, ଦୂରଦର୍ଶନ ଆଦି ଗଣମାଧ୍ୟମରେ ପ୍ରତିଦିନ ପରିଦୃଷ୍ଟ। ଭୋଗ ଲାଳସା ମନୁଷ୍ୟକୁ ଶାନ୍ତି ଦିଏ ନାହିଁ। କେବଳ ଅଶାନ୍ତିର କାରଣ ହୁଏ। ନିର୍ମଳ ଚରିତ୍ର ଓ ପବିତ୍ର ହୃଦୟର ସଦ୍‌ଭାବନା ହିଁ ପ୍ରକୃତ ଶାନ୍ତି ଦେଇପାରିବ।

**ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ, ଜଟଣୀ**
**ମୋ - ୯୭୭୮୬୮୨୪୮୭**

## ଜୀବନ

**ପ୍ରଦୀପ ନାୟକ**

ଜନମୁ ମରଣ ଜୀବନର ସୀମା
ଲକ୍ଷ୍ମଣର ଗାର ପରି
ଟପି ପାରେ ନାହିଁ ଜୀବନ ବାପୁଡ଼ା
ତେଲ ଯାଉଥାଏ ସରି ।

ଆୟୁ ନେଇ ଜିଇଁ ଝଡିଯିବା ପାଇଁ
ଜୀବନ ହୋଇନି ଗଢା
ଜୀବନେ ମରଣ ମରଣେ ଜୀବନ
ସବୁବେଳେ ଖୋଜା ଲୋଡା ।

କି ଲାଭ ସେ ଶହେ ବରଷ ବଞ୍ଚିବା
ମରିମରି ବାରବାର
ଆଉ କେଉଁ ହାନୀ ଘଟିବାର ଅଛି
ହଜିଲେ ଜୀବନ ସୁର ।

ଭୋକ ପାଇଁ ଭାତ ଶୋଷ ପାଇଁ ପାଣି
ଆୟୋଜନେ ଦିନ ସରେ
ଶାଶ୍ୱତ ଜୀବନ ଡାକ ଶୁଭୁଥାଏ
କାହିଁ କେତେ ଦୂରେ ଦୂରେ ।

ଅନେକ ଆଶାର ଅନେକ ସ୍ୱପ୍ନର
ଜୀବନ ଜରୁରୀ ନୁହଁ
ସବୁରି ପାଇଁକି ଆପଣ କାହିଁକି
ଅଟନ୍ତି ଜରୁରୀ ମୁହଁ ।

ଅଭିନନ୍ଦନ କର ଜୀବନକୁ
ଯାହାକୁ ଜିଇଁଲ ଆଜି
ଭୁଲିଯାଅ ଯେଉଁ ଜୀବନଟା ଥିଲା
ସୁଖ ଦୁଃଖ ମଝାମଝି ।

ଜୀବନ ଭାବୁଛି ଲୁଟିନେବା ପାଇଁ
ଅଛି ଯେତେ ଯେତେ ମଜା
ଜୀବନ କି ଜାଣେ ଜୀବନ ଭୋଗୁଛି
ଛୋଟିଆ ସମୟ ସଜା ।

ନିଜକୁ ଖୋଜିବା ନିଜଠି ହଜିବା
ଯେଉଁ ସାଧନାର ଫଳ
ଭେଟିଛି ଯିଏ ସେ ଜୀବନ ଅମୃତ
କାଳ ନୁହେଁ ତାର କାଳ ।

**ବନ୍ଧପଡା, ମଦନପୁର, କେନ୍ଦ୍ରାପଡ଼ା**
**ମୋ : ୮୯୧୭୩୭୦୨୨୭**



ମଣିଷଠାରେ ଯେତେଗୁଡ଼ିଏ ଖରାପ ଗୁଣ ଅଛି, ତନ୍ମଧ୍ୟରେ କୁଟିଳତା ହେଉଛି ସବୁଠୁ ବେଶୀ ଖରାପ। - ଫାଉଡେ

# ସୁଶ୍ରୁତ



ପଦ୍ମନାଭ ପାଣିଗ୍ରାହୀ



"ଶରୀରଂ ବ୍ୟାଧି ମନ୍ଦିରମ୍", ଶରୀର ରୋଗର ଘର। ଆମ ଶରୀରରେ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ରହିଛି। ଅନ୍ତଃ ଶରୀର ବହି ଶରୀର। ବର୍ତ୍ତମାନ ଚିକିତ୍ସା ଶାସ୍ତ୍ରରେ ରୋଗର ନିଦାନ ପାଇଁ ଅଙ୍ଗରେ ଶଲ୍ୟ ଚିକିତ୍ସା ମୁଖ୍ୟ ବିଧାନ ହୋଇଛି। ଏହିପରି ଅନେକ ବ୍ୟାଧି ରହିଛି ଯେଉଁଗୁଡ଼ିକୁ କେବଳ ଶଲ୍ୟ ଚିକିତ୍ସା ଦ୍ୱାରା ହିଁ ଉପଶମ ହୋଇ ପାରୁଛି। ଶଲ୍ୟର ତାତ୍ପର୍ଯ୍ୟ ଶାରିରୀକ ପୀଡା, ଏହି ପୀଡାର ଉପଶମ ପାଇଁ ଯେଉଁ କ୍ରିୟା କରାଯାଏ ତା'କୁ ଶଲ୍ୟ ଚିକିତ୍ସା କହନ୍ତି। ଶଲ୍ୟ ଚିକିତ୍ସା ଏହି ଅଦଭୁତ ଏବଂ ମହତ୍ତ୍ୱପୂର୍ଣ୍ଣ କ୍ରିୟାର ଶୁଭାରମ୍ଭ ପ୍ରାଚୀନ କାଳରେ ଭାରତ ବର୍ଷର ଋଷି ସୁଶ୍ରୁତ ହିଁ କରିପାରିଥିଲେ। ବିଶ୍ୱ ଚିକିତ୍ସା ଇତିହାସରେ ସୁଶ୍ରୁତଙ୍କୁ ଶଲ୍ୟ ଚିକିତ୍ସାର ଜନକ ବୋଲି କୁହାଯାଏ।

ସୁଶ୍ରୁତଙ୍କ ଜନ୍ମ ଖ୍ରୀ.ପୂ ୬୦୦ ବର୍ଷ ପୂର୍ବରୁ ହିଁ ହୋଇଥିଲା। ସେ ବୈଦିକ ଋଷି ବିଶ୍ୱାମିତ୍ରଙ୍କର ବଂଶଜ ଥିଲେ। ସେ କାଶୀରେ ଦେବଦାସ ଧନ୍ୱନ୍ତରୀଙ୍କ ଆଶ୍ରମରେ ହିଁ ଚିକିତ୍ସା ଶାସ୍ତ୍ର ଅଧ୍ୟୟନ କରିଥିଲେ। ବୈଦିକ ଶାସ୍ତ୍ର ଅଧ୍ୟୟନ କରିବା ସହ ଚିକିତ୍ସା ଶାସ୍ତ୍ରରେ ପାରଙ୍ଗମ ଥିଲେ। ସେ ପ୍ରଥମ ଚିକିତ୍ସକ, ଯେ କି ଚିକିତ୍ସା ଶାସ୍ତ୍ରର ପ୍ରଚାର କରିଥିଲେ।

ସୁଶ୍ରୁତ ଶଲ୍ୟ ଚିକିତ୍ସା କରିବା ପୂର୍ବରୁ ପ୍ରଥମେ ଉପକରଣଗୁଡ଼ିକୁ ଗରମ ପାଣିରେ ଭଲ ଭାବରେ ଗରମ କରନ୍ତି। କାରଣ ଏହାଦ୍ୱାରା ସେଥିରେ ଥିବା ଜୀବାଣୁ ନଷ୍ଟ ହୋଇଯାଆନ୍ତି। ଗୋଟିଏ ରୋଗୀଠାରୁ ଅନ୍ୟ ରୋଗୀ ପାଖକୁ ରୋଗ ପ୍ରଭାବିତ ହୁଏ ନାହିଁ। ବର୍ତ୍ତମାନ ଆଧୁନିକ ଚିକିତ୍ସାରେ ଶଲ୍ୟ କ୍ରିୟା ପୂର୍ବରୁ ରୋଗୀକୁ ଅଚେତନ କରିବା ପାଇଁ ଯେଉଁ ଔଷଧ ପ୍ରୟୋଗ (Anasthesia) କରାଯାଏ। ଏହାର ଆରମ୍ଭ ମଧ୍ୟ ସୁଶ୍ରୁତ କରିଥିଲେ। ସେ କହୁଥିଲେ ଯେ ଶଲ୍ୟ କ୍ରିୟା ପୂର୍ବରୁ ରୋଗୀକୁ ଠିକ୍ ଔଷଧ ଓ କେତେକ ସ୍ଥଳରେ ମଦିରାପାନ ମଧ୍ୟ କରାଯିବା ବିଧେୟ। ଶରୀର କୌଣସି ଅଙ୍ଗ କଟିଗଲେ, ଭାଙ୍ଗିଗଲେ, ଦୁର୍ଘଟଣାଗ୍ରସ୍ତ ହୋଇ କ୍ଷତିଗ୍ରସ୍ତ ହେଲେ ତାର ଉପଚାର ଠିକ୍ ଭାବରେ କରି ପାରୁଥିଲେ। କେତେକ ସ୍ଥଳରେ ଏହାର ବିକୃତି ପରିଲକ୍ଷିତ ହେଲା। ତେଣୁ ତା'ର ଉପଚାର ପାଇଁ ସେ ସୁନଶ୍ୟ ଚିକିତ୍ସା (Plastic Surgery) ପ୍ଲାଷ୍ଟିକ ସର୍ଜରୀ ଆରମ୍ଭ କଲେ। ସେ ମଧ୍ୟ ପ୍ଲାଷ୍ଟିକ ସର୍ଜରୀର ଜନକ କହିଲେ ଅତ୍ୟୁକ୍ତି ହେବ ନାହିଁ। କୌଣସି ବ୍ୟକ୍ତିର ନାକ, କାନ କଟିଗଲେ ପ୍ରଥମେ ତା'ର ମୁହଁକୁ ଔଷଧୀୟ ଜଳରେ ଧୋଇ ଦେଉଥିଲେ। ତାପରେ ଉପକରଣଗୁଡ଼ିକୁ ଗରମ କରୁଥିଲେ। କ୍ଷତ ହୋଇଥିବା ସ୍ଥାନରେ ଆକାର ପରିମାଣ ସ୍ଥାନରେ ଦାରୁ ହଳଦୀର ରସ ଲଗାଇ ଔଷଧୀୟ ପତ୍ର ଢାଙ୍କି ଦେଉଥିଲେ। ତାପରେ ପଟି ବାନ୍ଧି ଦେଉଥିଲେ। ସୁସ୍ଥ ହେବା ପର୍ଯ୍ୟନ୍ତ ଔଷଧ ସେବନ ପାଇଁ ପରାମର୍ଶ ଦେଉଥିଲେ। ହଜାର ହଜାର ବର୍ଷ ପୂର୍ବେ ସେ ଯେଉଁ କାର୍ଯ୍ୟ କରିଥିଲେ ଆଜି ଆଧୁନିକ ଚିକିତ୍ସା ଶାସ୍ତ୍ର ତା'କୁ ଅନୁକରଣ କରୁଅଛି।

ସୁଶ୍ରୁତ ଏକ କୁଶଳ, ସିଦ୍ଧହସ୍ତ ଶଲ୍ୟ ଚିକିତ୍ସକ ଥିଲେ। ଭାଙ୍ଗି ଯାଇଥିବା ହାଡ଼କୁ ସୁଚାରୁ ଭାବରେ ଯୋଡ଼ିବା, ଆଖିରେ...... ଠିକ୍ କରିବାରେ ତାଙ୍କର ବିଶେଷ ଦକ୍ଷତା ଥିଲା। ଔଷଧୀୟ ବୃକ୍ଷଗୁଡ଼ିକର ଗୁଣ ବିବେଚନା କରିବାରେ ସେ ସର୍ବପ୍ରଥମ ଥିଲେ। ସେ ତାଙ୍କ ଗ୍ରନ୍ଥରେ ବିଭିନ୍ନ ଋତୁପରିବର୍ତ୍ତନ ଜନିତ ଯେଉଁ ପ୍ରଭାବ ମନୁଷ୍ୟ, ପଶୁ ଓ ବୃକ୍ଷ ଲତା ଉପରେ ପଡୁଥିଲା ତାର ପ୍ରତିକାର ବିଷୟରେ ବ୍ୟାଖ୍ୟା କରିଛନ୍ତି। ମନୁଷ୍ୟ ଶରୀର ମଧ୍ୟରେ ଥିବା ଜୀବାଣୁର ବର୍ଗୀକରଣ, ଏହାର ବିଶେଷତା ଏହାଦ୍ୱାରା ଶରୀର ଉପରେ ପଡୁଥିବା ପ୍ରଭାବ, ରକ୍ତ ଶୂନ୍ୟତା ଆଦି ବିଷୟରେ ଆଲୋଚନା କରିଛନ୍ତି। ବୈଦ୍ୟକୀୟ ଚିକିତ୍ସା ଓ ଶଲ୍ୟ ଚିକିତ୍ସାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସେ ଦୁଇଟି ଗ୍ରନ୍ଥ ଯଥା- "ସୁଶ୍ରୁତ ସଂହିତା" ଏବଂ "ସୁଶ୍ରୁତ ଶଲ୍ୟ ଯନ୍ତ୍ର"ର ରଚନା କରିଛନ୍ତି। ଯାହାକି ଅଧୁନା ଚିକିତ୍ସା ଶାସ୍ତ୍ର ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀମାନଙ୍କ ନିମନ୍ତେ ବିଶେଷ ଉପଯୋଗୀ ହୋଇପାରୁଛି। ନିଜ ଗ୍ରନ୍ଥ ମଧ୍ୟରେ ସୁଶ୍ରୁତ ଶରୀରକୁ କାଟି ଅନ୍ତଃକରଣ ଶଲ୍ୟ ଚିକିତ୍ସା ପଦ୍ଧତି ବର୍ଣ୍ଣନା କରିବା ସହିତ ସେଥିରେ ଉପଯୋଗ ହେଉଥିବା ଉପକରଣଗୁଡ଼ିକ ପ୍ରାୟ ବିଭିନ୍ନ ପଶୁ ପକ୍ଷୀମାନଙ୍କ ରୂପାୟିତ ଥିଲା ଏବଂ ପଶୁ ପକ୍ଷୀଙ୍କର ନାମ କରଣ ମଧ୍ୟ ଥିଲା। ବର୍ତ୍ତମାନ ଆଧୁନିକ ଚିକିତ୍ସାରେ ଉପଯୋଗୀ ଉପକରଣଗୁଡ଼ିକର ମଧ୍ୟ ତାଙ୍କ ଉପକରଣ ସହ ସାମଞ୍ଜସ୍ୟ ରହିଛି।

୧୨୦ ଅଧ୍ୟାୟ ବିଶିଷ୍ଟ "ସୁଶ୍ରୁତ ସଂହିତା" ସଂସ୍କୃତ ଭାଷାରେ ରଚିତ। ଏଥିରେ ଶଲ୍ୟ ଚିକିତ୍ସା, ଶାରୀରିକ ଚିକିତ୍ସା ଆୟୁର୍ବେଦର ବିଭିନ୍ନ ପକ୍ଷ, ନେତ୍ର ଓ ଶିର ରୋଗ ଇତ୍ୟାଦିର ବର୍ଣ୍ଣନା ହୋଇଛି। ଶବ ବ୍ୟବଚ୍ଛେଦ ଦ୍ୱାରା ମୃତ୍ୟୁର କାରଣ କିପରି ଜଣାପଡ଼େ ସେ ବିଷୟରେ ମଧ୍ୟ ତାଙ୍କର ଜ୍ଞାନ ଥିଲା। ତାଙ୍କର ଦୁଇଟି ଗ୍ରନ୍ଥ ଆରବୀ ଭାଷାରେ ଅଷ୍ଟମ ଶତାବ୍ଦୀରେ ହୋଇଛି। ସୁଶ୍ରୁତ ଶଲ୍ୟ ଯନ୍ତ୍ର - "କିତାବଶା-ଶୂନ୍-ଏ-ହିନ୍ଦି" ସୁଶ୍ରୁତ ସଂହିତା - "କିତାବ ସୁସୁରଦ" ନାମରେ ନାମିତ ହୋଇଛି।



# ପୁଣ୍ୟଶ୍ଳୋକ, ପୁଣ୍ୟାତ୍ମା ପଣ୍ଡିତ ଗୋପବନ୍ଧୁ



ନୀଳକଣ୍ଠ ତ୍ରିପାଠୀ

ଆବହମାନ କାଳରୁ ପ୍ରାତଃ କାଳରେ ଭାରତବର୍ଷର ମୁନିଋଷି ଓ ହିନ୍ଦୁ ଧର୍ମ ଅନୁରାଗି ବ୍ୟକ୍ତିଗଣ ପଞ୍ଚକନ୍ୟା, ସପ୍ତଚିରଞ୍ଜୀବୀ ଓ ଚାରି ପୁଣ୍ୟଶ୍ଳୋକଙ୍କର ନାମ ଉଚ୍ଚାରଣ କରି ନିଜର ଦୈନନ୍ଦିନ କର୍ମ ଆରମ୍ଭ କରନ୍ତି। ପ୍ରଥମରେ ପଞ୍ଚକନ୍ୟାଙ୍କ ନାମ ସ୍ମରଣ କରି ଏହି ଶ୍ଳୋକଟି ଗାନ କରନ୍ତି।

ଅହଲ୍ୟା ଦ୍ରୌପଦୀ ତାରା କୁନ୍ତୀ ମନ୍ଦୋଦରୀ ତଥା
ପଞ୍ଚକନ୍ୟା ସ୍ମରେ ନିତ୍ୟ ମହାପାତକ ନାଶନଂ।

ଆଉ ମଧ୍ୟ ଏହି ପୁଣ୍ୟ ଭାରତଭୂମିରେ ଅନ୍ୟ ପଞ୍ଚ ମହିୟସୀ ମହିଳା ହେଲେ; ସତୀ, ସାବିତ୍ରୀ, ସୀତା, ଦମୟନ୍ତୀ ଓ ଅରୁନ୍ଧତୀ। ଏହିମାନେ ମଧ୍ୟ ପ୍ରାତଃ ସ୍ମରଣୀୟା। ଏମାନେ କେବେ ସେବା କରିବାରେ ତ୍ରୁଟି କରିନାହାନ୍ତି। ଏହି ଭାରତୀୟ ମହିଳାମାନଙ୍କର ଜୀବନ କାହାଣୀ ସମାଜ ପାଇଁ ଉତ୍ସର୍ଗୀକୃତ ପ୍ରେରଣାଦାୟୀ, ଶିକ୍ଷଣୀୟ ଓ ସେମାନଙ୍କର ଯଶ ଓ ଖ୍ୟାତି ବ୍ୟାପକ ଅଟେ।

ଦ୍ୱିତୀୟରେ- ଅଶ୍ୱତ୍ଥାମା ବଳୀର୍ବ୍ୟାସୌ ହନୁମାନଶ୍ଚ ବିଭୀଷଣଃ
କୃପ ପରଶୁରାମଶ୍ଚ ସପ୍ତୈତେ ଚିରଞ୍ଜୀବୀନଃ।
ସପ୍ତୈତାନ ସ୍ମରେ ନିତ୍ୟ ମାର୍କଣ୍ଡେୟମ୍‌ଥାଷ୍ଟମଂ
ଜୀବଦ୍ଦର୍ଷଣ ସାତଂ ସୋପି ସର୍ବବ୍ୟାଧି ବିବର୍ଜିତଃ।

ଯଦି ଏହି ସାତମହାପୁରୁଷଙ୍କ ସହ ମାର୍କେଣ୍ଡୟ ଋଷିଙ୍କର ନାମ ନିତ୍ୟ ସ୍ମରଣ କରାଯାଏ। ଶରୀରରୁ ସମସ୍ତ ରୋଗ ଦୂରୀଭୂତ ହୋଇଯାଏ ଓ ଆୟୁ ଶହେ ବର୍ଷ ପର୍ଯ୍ୟନ୍ତ ପ୍ରାପ୍ତ ହୁଏ। ପୁରାଣ ବର୍ଣ୍ଣିତ ଚାରି ପୁଣ୍ୟାତ୍ମାଙ୍କର ଧର୍ମ ଆଚରଣ ସୁନ୍ଦର ଜୀବନ ପାଇଁ ପ୍ରାତଃ ସ୍ମରଣୀୟ -

ପୁଣ୍ୟଶ୍ଳୋକ ନଳରାଜା ପୁଣ୍ୟଶ୍ଳୋକ ଜନାର୍ଦ୍ଦନ ,
ପୁଣ୍ୟଶ୍ଳୋକ ବିଦେହଶ୍ଚ ପୁଣ୍ୟଶ୍ଳୋକ ଯୁଧିଷ୍ଠିରଃ।

କେହି କେହି ବିଦେହ ଜାଗାରେ ବୈଦେହୀ
ନାମ ଉଚ୍ଚାରଣ କରନ୍ତି ଇତିହାସ କହେ ରାଣୀ

ଅହଲ୍ୟାବାଈଙ୍କୁ ମଧ୍ୟ ପୁଣ୍ୟଶ୍ଳୋକ ଉପାଧି ପ୍ରାପ୍ତ ହୋଇଥିଲା। ତେବେ ଏହି ପୁଣ୍ୟଶ୍ଳୋକ ଶବ୍ଦର ଅର୍ଥ କ'ଣ? ଆମେ କାହାକୁ ପୁଣ୍ୟଶ୍ଳୋକ କହିବା? ପୁଣ୍ୟଶ୍ଳୋକ ଚାରିଟି ମୁଖ୍ୟ ସଦ୍‌ଗୁଣକୁ ନେଇ ସମାହିତ - ପ୍ରଥମରେ - ସାଧୁତା, ଦ୍ୱିତୀୟରେ - ପବିତ୍ରତା, ତୃତୀୟରେ - ଯଶ ଓ ଖ୍ୟାତି, ଚତୁର୍ଥରେ - ଯାହାର ଯଶ ଓ ଖ୍ୟାତି ବ୍ୟାପକ । ତେଣୁ କହିବାକୁ ଗଲେ ଯେଉଁ ପୁଣ୍ୟାତ୍ମାଙ୍କର ସୁନ୍ଦର ପବିତ୍ର ଚରିତ୍ର ବ୍ୟାପକ ଯଶ ଖ୍ୟାତି ପବିତ୍ର ଆଚରଣ ଓ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ଓ ଶିକ୍ଷଣୀୟ, ତାଙ୍କୁ ପୁଣ୍ୟଶ୍ଳୋକ ଉପାଧିରେ ଭୂଷିତ କରାଯାଇଛି।

ଆମ ଓଡ଼ିଶା ପ୍ରଦେଶରେ ଜଣେ ପୁଣ୍ୟାତ୍ମା ସ୍ୱଳ୍ପ ସମୟ ପାଇଁ ଆବିର୍ଭୂତ ହୋଇ ଜନମାନସରେ ପ୍ରାତଃ ସ୍ମରଣୀୟ ହୋଇଯାଇଛନ୍ତି। ସେ ହେଉଛନ୍ତି ପଣ୍ଡିତ ଗୋପବନ୍ଧୁ ଦାସ। ତାଙ୍କର ଜୀବନକାଳ ୧୮୭୭ ମସିହା ଅକ୍ଟୋବର ୯ ତାରିଖଠାରୁ ୧୯୨୮ ମସିହା ଜୁନ ୧୭ ତାରିଖ ପର୍ଯ୍ୟନ୍ତ ସୀମିତ ଥିଲା। ସ୍ୱଳ୍ପ ଜୀବନ କାଳ ଭିତରେ ସେବା, ସତ୍ୟାନୁସନ୍ଧାନ ନିର୍ଭୀକତା ମହାମନ୍ତ୍ରରେ ଦୀକ୍ଷିତ ହୋଇ ଦୀନହୀନ ଦୁଃଖିରଙ୍କୀ ବନ୍ୟାକ୍ଲିଷ୍ଟ ପ୍ରପୀଡ଼ିତ ମରୁଡ଼ିଗ୍ରସ୍ତ ରୋଗ ପୀଡ଼ିତ ନିଷ୍ପେଷିତ ଓ ନିଃସହାୟ ଜନସମାଜର ସେବାରେ ନିୟୋଜିତ ହୋଇ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ମାନବସେବା ମାଧବସେବା ଥିଲା ତାଙ୍କର ବ୍ରତ ଉପାସନା। ସେ ଥିଲେ ସେବାର ମୂର୍ତ୍ତିମନ୍ତ ବିଗ୍ରହ।

ଉପରୋକ୍ତ ଲୋକମାନଙ୍କର ଦୁଃଖ ଦୂର କରିବାକୁ ହେଲେ ଜ୍ଞାନ ଓ ଶିକ୍ଷା ଅପରିହାର୍ଯ୍ୟ। ଗୋପବନ୍ଧୁ ବୁଝିଥିଲେ କର୍ମ କରିବାକୁ ହେଲେ ସ୍ୱାସ୍ଥ୍ୟ ଓ ମନ ଅନୁକୂଳ ହେବା ଦରକାର। ଲୋକମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ ରହି ସୁସ୍ଥ ସମାଜ ପ୍ରତି ଧ୍ୟାନ ରଖିଥିଲେ। ପୁରୀରେ ରଥଯାତ୍ରା ସମୟରେ ହଇଜାରେ ଲୋକମାନେ ଆକ୍ରାନ୍ତ ହୋଇ ବହୁମାତ୍ରାରେ ମୃତ୍ୟୁ ବରଣ କରୁଥିଲେ। ସେମାନଙ୍କର ସେବା ପାଇଁ ନିଜେ ଅଣ୍ଟାଭିଡ଼ି ବାହାରି ପଡୁଥିଲେ ଓ ପୁରୀ ସେବାସମିତି ଗଠନ କରିଥିଲେ। ଏହିପରି ଜନସାଧରଣଙ୍କ ସେବାପାଇଁ କର୍ତ୍ତବ୍ୟ ବୋଧିନୀ ସମିତି, କଲିକତା ଅବହେଳିତ ଓଡ଼ିଆ ଶ୍ରମିକମାନଙ୍କର ଦୁଃଖ ଦୁର୍ଦ୍ଦଶା ଲାଘବ ପାଇଁ ଓଡ଼ିଆ ଶ୍ରମିକ ସଂଘ ଗଢିଥିଲେ। ଓଡ଼ିଆ ଜାତି ଓ ଭାଷାକୁ ବଞ୍ଚେଇବା ପାଇଁ ଉତ୍କଳ ସମ୍ମିଳନୀରେ ଯୋଗଦାନ

କରିଥିଲେ । ପୁଣି ଶିକ୍ଷାମାନ ବୃଦ୍ଧି ପାଇଁ ଗୁରୁକୁଳ ଆଶ୍ରମ ଢାଞ୍ଚାରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରି ଏକ ସାର୍ବଭୌମ ଶିକ୍ଷା ସଂଘ ଗଠନ କରିଥିଲେ । ପଣ୍ଡିତ ଗୋପବନ୍ଧୁଙ୍କୁ ଏ କ୍ଷେତ୍ରରେ ୪ଜଣ ମନିଷୀ ସହଯୋଗର କାନ୍ଧ ଦେଇଥିଲେ । ସେମାନେ ହେଲେ ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ପଣ୍ଡିତ ଗୋଦାବରୀଶ ମିଶ୍ର । ପଣ୍ଡିତ ଗୋପବନ୍ଧୁଙ୍କର ସେବା ମନୋଭାବ, ଅନ୍ୟାୟବିରୁଦ୍ଧରେ ସଂଗ୍ରାମ ଜାରି ରଖିବା, ତ୍ୟାଗ ପୂତ ଜୀବନଶୈଳୀ ମାନବିକତା ପରି ମହତ ଗୁଣାବଳୀକୁ ଛାଡ଼ି ଦେଲେ ତାଙ୍କର ମଧ୍ୟ ଉତ୍ତମ ସାଙ୍ଗଠନିକ ଦକ୍ଷତା ଥିଲା । ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କୁ 'ଉତ୍କଳମଣି' କହି ସମ୍ବୋଧନ କରୁଥିଲେ ।

ଯେଉଁ ସମୟରେ ଜନ ସାଧରଣଙ୍କ ସେବା ପାଇଁ ଓ ଦୁଃଖ ଦୁର୍ଦ୍ଦଶା ପ୍ରପୀଡିତ ଶ୍ରମିକମାନଙ୍କର ଅସୁବିଧା ଦୂର କରିବାପାଇଁ ସଂଗ୍ରାମ ଚଳେଇ ଥିଲେ, ଠିକ୍ ସେ ସମୟରେ ଗୋପବନ୍ଧୁ ତାଙ୍କର ପିତା ଓ ଦୁଇ ପୁତ୍ରକୁ ହରେଇଥିଲେ । ସେ ଯେଉଁ ଦିନ ପାସ୍ କଲେ ବୋଲି ଖବର ପାଇଲେ; ତାଙ୍କର ସ୍ତ୍ରୀ ଖୁବ୍ କମ ବୟସରେ ମୃତ୍ୟୁ ବରଣ କରିଥିଲେ । କିନ୍ତୁ ସେ ସବୁକୁ ଭ୍ରୁକ୍ଷେପ କରି ନଥିଲେ କିମ୍ବା ସେବା ସଂଗ୍ରାମରୁ ବିରତ ହୋଇ ନଥିଲେ । ତାଙ୍କର ଯଶ ଖ୍ୟାତି ସୁଦୂର ପ୍ରସାରି ହୋଇ ଯାଇଥିଲା । ମହାତ୍ମା ଗାନ୍ଧୀ କହୁଥିଲେ, ମୋତେ ଗୋପବନ୍ଧୁଙ୍କ ପରି ଲୋକ ଦରକାର । ଯିଏକି କାୟ ମନୋବାକ୍ୟରେ ଭାରତର ସ୍ୱାଧୀନତା ସଂଗ୍ରାମ ଲଢ଼ିପାରିବ ଓ ଭାରତକୁ ପରାଧୀନତାରୁ ମୁକ୍ତି କରି ସ୍ୱାଧୀନତା ଆଣି ପାରିବ । ଗୋପବନ୍ଧୁ ଏକାଧାରାରେ ଜଣେ ସମାଜସେବୀ, ସାମ୍ବାଦିକ, କବି, ଲେଖକ, ଓକିଲ, ସମାଜ ସଂସ୍କାରକ ଶିକ୍ଷାବିତ ଥିଲେ । ତାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସାପ୍ତାହିକ ପତ୍ରିକା ଆଜି 'ସମାଜ' ପରି ମହାଦ୍ରୁମରେ ପରିଣତ ହୋଇପାରିଛି ।

ସେ ସେବା ଓ ତ୍ୟାଗ ବ୍ରତରେ ଜନକଲ୍ୟାଣ ପାଇଁ ପରିବାରକୁ ଦୂରେଇ ଆତ୍ମ ଉତ୍ସର୍ଗ କରି ପ୍ରାତଃ ସ୍ମରଣୀୟ ହୋଇଯାଇଛନ୍ତି । ସତ୍ୟଯୁଗର ରାଜାନଳ, ତ୍ରେତୟାର ରାଜା ବିଦେହ (ଜନକ) ଦ୍ୱାପରର ରାଜା ଯୁଧିଷ୍ଠିର ଓ ଯୁଗାତୀତ ପୁଣ୍ୟଶ୍ଳୋକ ଜନାର୍ଦ୍ଦନ ପରି ସେ ଜାଜ୍ୱଲ୍ୟମାନ ଓ ପ୍ରାତଃ ସ୍ମରଣୀୟ ପଣ୍ଡିତ ଗୋପବନ୍ଧୁ ହେଉଛନ୍ତି ପୁଣ୍ୟାତ୍ମା ପୁଣ୍ୟଶ୍ଳୋକ ।

ଦୂରଭାଷ-୯୪୩୭୩୫୯୪୩୧

# ଫେରିଆ ଅହିଂସା ପଥେ



**ଉମେଶ ଚନ୍ଦ୍ର ପାତ୍ର**

ମୁଁ ଓଡ଼ିଶା ମାଟି କହୁଛି
ହୃଦୟ ମୋ ଆଜି କାନ୍ଦୁଛି
ସରଳ ନିଷ୍ପାପ ସନ୍ତାନ ମୋ'ର
ହିଂସା ପଥରେ ଭ୍ରମୁଛି !

ଥରିଯାଏ ମୋର ତନ୍ତ୍ରୀ
ଧରଣୀ ବୁକୁରେ ବିଧ୍ୱଂସ ଶାନ୍ତି
ଶାସ୍ତ୍ରଜ୍ଞାନଠୁଁ ଅସ୍ତ୍ରର ଶକ୍ତି
କରିବ କି ପ୍ରାଣ ପୂର୍ତ୍ତି ?

ନବୀନ ଯୁଗର ତରୁଣକୁଳ
ନିଶାସକ୍ତ ହୋଇ ଭୁଲି ବେଭାର
ସମାଜେ ଅଶାନ୍ତି ଖେଳାଅନ୍ତି ନିତି
ଚାରିଆଡ଼େ ବ୍ୟାପେ ବ୍ୟଭିଚାର ।

ରାହାଜାନିଠାରୁ ହତ୍ୟା ଯାଏଁ
ଧନଲୋଭୀ ଉଦ୍ଭ୍ରାନ୍ତ ଯୁବା ଧାଏଁ
ବ୍ୟକ୍ତି ପ୍ରାଣର ଆର୍ତ୍ତ ଚିତ୍କାର
କାହିଁକି ଯେ ତା' ପ୍ରାଣ ନ ଛୁଏଁ !

ଶୁଣି ଯା' ଥରେ,
ମା' ତୋର ବିଶ୍ୱ ବନ୍ଦନୀୟା
ଅହିଂସା ଯାହାର ଆତ୍ମା ଓ କାୟା
ଅତୀତ ଗୌରବେ ମହନୀୟା
ସଂସ୍କୃତି ବିଭବେ ଜଗତେ ପୂଜନୀୟା ।

ଭୁଲି ତୁ ଯାଆନା କଳିଙ୍ଗପୁତ୍ର
ଏ ମାଟିର ଜ୍ୟୋତିଷ୍ମାନ ନକ୍ଷତ୍ର
ତେଜରେ ତୋ'ର ବିଶ୍ୱ ଆଲୋକିତ
ଉଡଇ ଶାନ୍ତିର କେତନ ଜୈତ୍ର ।

ଖଣ୍ଡଗିରି ଗାଏ ଅହିଂସା ବାଣୀ
ଧଉଳି ଶୁଣାଏ ବୀର କାହାଣୀ
ସମ୍ରାଟ ଅଶୋକ ଶାନ୍ତି ପଥ ଅନୁସରି
କଳିଙ୍ଗ ପାଶେ ଚିରଦିନ ରହିଛି ଋଣୀ ।

ଫେରିଆ ଧନ ତୁ ଅହିଂସା ପଥେ
ଦେଖିବୁ ଜୀବନ ବର୍ତ୍ତୁଳ କେତେ
ସୁଖ ଶାନ୍ତି ଆଉ ସମୃଦ୍ଧି ସ୍ରୋତେ
ଜୀବନର ନାଆ ବାହି ନେ' ସତେ ।

ଆଜି ମୋ ଆଖିରୁ ଝରୁଛି ଲୁହ
ଛୁଟୁଛି ବୋମା ଗୁଳିର ସୁଅ
ବନ୍ଧୁକ ଛାଡ଼ି ପୋଥି ପୁରାଣକୁ
ଆଦରି ନେ'ରେ ଅବୁଝା ପୁଅ ।

ମାଆର ରଖିବୁ ଏତିକି ଅଳି
ପଣତ ମୋର ସଜାଇଦେ ଫୁଲ ଭଳି
ଶାନ୍ତି ଅହିଂସା ମନ୍ତ୍ର ନେଇ
ଓଡ଼ିଶା ମା'ର ମୁଖ ଉଠୁରେ ଝଳି ।

ଛତିଆ, ଯାଜପୁର ମୋ – ୯୮୫୩୫୮୯୪୩୨



ସରଳତା ଓ ଗୋପନୀୟତା କେବେହେଲେ ବହୁକାଳ ଏକତ୍ର ରହିପାରିବେ ନାହିଁ । - ନେକର

# ମାଡ଼



ଡ. ଚପଳା ପଣ୍ଡା

ଚଢ଼କର ମାଡ଼ ମଢ଼କର ମାଡ଼
 ମାଡ଼କୁ ଲାଗୁଛି ଭୟ,
ପିଲାଦିନ କଥା ମନେ ପଡ଼ିଗଲେ
 ମାଡ଼ ମାଗେ ପରିଚୟ।
ବୋଉ ଗାଳି ମାଡ଼ ବାପାଙ୍କ ଚାପୁଡ଼ା
 ଅବଧାନ ବେତ ମାଡ଼,
ପିଠିରେ ହାତରେ ନୋଳା ଫଟା ଦାଗ
 ଥରାଏ ପଞ୍ଜରା ହାଡ଼।
କାଠି ମାଡ଼ ସିନା ଢୋଲ ସହିଯାଏ
 ଦେଖାଇ ନିଜର ପିଠି,
ଜୁଆର ମାଡ଼କୁ ବେଳାଭୂମି ମଧ
 ସମ୍ଭାଳେ ନ ଖୋଲି ପାଟି।
ହୋଲି ଆସିଗଲେ ପିଚକାରୀ ମାଡ଼
 ଆଖି କାନ ପାଇଁ ଡର,
ମନ୍ଦିର ବେଢ଼ାର ବେତ ମାଡ଼ ଭୟ
 ପଇସା ବଖାଣେ ଦର।
ବିରି ମାଡ଼ ଦେଖି କୋଳଥ ଚେପେଟା
 ବରଗୁଡ଼ି ଦେଖି ଡରେ,
ଗଣ୍ଡଗୋଳ ଯହିଁ ବୋମା ମାଡ଼ ତହିଁ
 ସାଧାରଣ କଥା ଧରେ।
ମାଘ ମାସ ଜାଡ଼ ହାବୁକା ମାଡ଼ରେ
 ବାର୍ଦ୍ଧକ୍ୟ ଦୋହଲି ଯାଏ,
ଏସିଡ୍ ମାଡ଼ରେ ସୁନ୍ଦରୀ ସୌନ୍ଦର୍ଯ୍ୟ
 କ୍ଷଣିକେ କୁତ୍ସିତ ହୁଏ।
ରାଜନୀତି ଖେଳ ହିସାବ ପ୍ରବଳ
 ଅଣ୍ଡା ମାଡ଼ ଜଣାଶୁଣା,
ବ୍ୟକ୍ତିତ୍ୱ ଚହଲେ ମାଡ଼ୁଆ ଶବ୍ଦରେ
 ଭୋଟର ଭାବନା ଊଣା।
ଝିଅମାନେ ପରା ଚପଲ ମାଡ଼ରେ
 ଦିଅନ୍ତି ପୁଅଙ୍କୁ ସେକି,
କରୋନାର ମାଡ଼ କବଳିତ କରେ
 ମରଣ ଯନ୍ତାରେ ଯୋଖି।
ମୋବାଇଲ୍ ଏବେ ମାଡ଼ ମାରିଲାଣି
 ସାଇବର ଠକ ଖଞ୍ଜି,
ଜୀବନ ଯାକର ପୁଞ୍ଜିଭୂତ ଧନ
 ଅଚିରେ ଯାଉଛି ହଜି।
ମିସାଇଲ୍ ମାଡ଼ ହୃଦ ବିଦାରକ
 ଯୁଦ୍ଧ ସ୍ଥଳ ବିଭୀଷିକା,
ଡହକ ବିକଳ ସରଳ ଜୀବନ
 ଲାଗୁଅଛି ଫିକା ଫିକା।
ମହଙ୍ଗା ମାଡ଼ରେ ଦହଗଞ୍ଜ ପ୍ରାଣ
 ଜୀବନ ଜୀବିକା ନେଇ,
ଅଣ୍ଟାରେ ଅଣ୍ଟୁନି ଅଣ୍ଟିଏ ପଇସା
 ସଉଦା କିଣିବା ପାଇଁ।
ମାଡ଼ ମାଡ଼ କହି ମୋଡ଼ି ହୋଇଯାଏ
 ନିରୀହ କୋମଳ ବେକ,
ମାଡ଼ ଶବ୍ଦ ତେଣୁ କୋକୁଆ ଭୟରେ
 ହାମୁଡ଼ି ପଡ଼ଇ ଦେଖ।
ମାଡ଼ ଶବ୍ଦ କେତେ ବାଟରେ ଯାଉଛି
 କବିଗଣ ବୁଝି ଦେଖ,
ଆଉ ଯାହା କିଛି ବାକି ରହିଗଲା
 ନିଜ ମନେ ଚିପି ରଖ।

ଶିକ୍ଷୟିତ୍ରୀ(ବୃତ୍ତି ନିବୃତ୍ତ),ଖୋର୍ଦ୍ଧା. ମୋ - ୯୪୩୭୪୨୧୮୧୬

# ଟିକିକୁ ନ ମଣ ହୀନ

ବସନ୍ତ କୁମାର ବେହେରା

ଫୁଲ ସିନା ଟିକି ରୂପଟି ତାହାର
 ଦିଶେ କେଡ଼େ ମନୋହର,
ପରଜାପତିଟି ଅତି ଆଦରରେ
 ଚୁମଇ ତାର ଅଧର ।
ଠାକୁର ଗଳାରେ ଝୁଲୁଥାଏ ସଦା
 ପାଏ ସେ କୋଟି ଜୁହାର,
ସେହି ଟିକି ଫୁଲ ନାରୀଙ୍କ ଗଭାରେ
 ଜିଣଇ ହୃଦ କନ୍ଦର ।
ଟିକି ବାଇ ବସା ବତାସେ ନ ଡରେ
 ସେତ ବିଶ୍ୱକର୍ମା ପୁର,
ଗଛ ଭାଂଗିଯାଏ ନୀଡ଼ ପଡ଼ିଯାଏ
 ଅକ୍ଷୁର୍ଣ୍ଣ ରହେ ସେ ଘର ।
ଟିକି କୋଇଲିର ସପ୍ତ ସ୍ୱର ଗୀତ
 ହରେ ଜନମନ ପ୍ରାଣ
ମରୁ ଉଦ୍ୟାନରେ ସଂଗୀତର ସ୍ରୋତେ
 ପଥିକ କ୍ଳାନ୍ତ ହରଣ ।
ଟିକି ଖଦ୍ୟୋତିକା ଆଲୋକର ପ୍ରଭା
 ନାଶେ ଘନ ଅନ୍ଧକାର
ଟିକି ସୂରୁଯର କଅଁଳ ମୁରୁଜ
 ଲାଗେ ଚନ୍ଦନ ପ୍ରକାର ।
ଟିକି ବନାନୀର ପ୍ରକୃତି ସୁଷମା
 କବିଙ୍କୁ କରେ ପାଗଳ
ଟିକି ମଧୁକର ରଚିଥାଏ ମଧୁ
 ଟିକି ଆମ୍ର ଯେ ରସାଳ ।
ଟିକି ପିମ୍ପୁଡ଼ିଟି ଖଟେ ଦିନରାତି
 ସଂଚୟ କରେ ଆହାର
ପରିଶ୍ରମ ଆଣେ ସଫଳତା ସିନା
 ଶିକ୍ଷା ଦିଏ ନିରନ୍ତର ।
ଟିକି ଶିଶୁ ଓଠେ ଟିକି ହସଧାର
 ଦୁଃଖକୁ କରଇ ଦୂର
ଟିକି ଶିଶୁ କଥା ମହୁଠାରୁ ମିଠା
 ସତେ କି ଅମୃତ ଝର ।
ଟିକି ନିର୍ଝରଣୀ ପର୍ବତ ଦୁଲଣୀ
 କଳ କଳ ଯାଏ ବହି
ବନ୍ଧୁର ପଥରେ ଯାତ୍ରା କରି ସିଏ
 ପାଲଟେ ବିରାଟ ନଈ ।
ଟିକି ନିଆଁଖଣ୍ଡ କ୍ଷଣିକ ମଧରେ
 ସଂସାର କରେ ଦହନ
 ଟିକି ଜଳବିନ୍ଦୁ ସରଜଇ ସିନ୍ଧୁ
 ଟିକିଟି କେଡ଼େ ମହାନ ।
ଟିକି ସିନା ରୂପ ଗୁଣେ ବଳୀୟାର
 ନ ମଣ ଟିକିକୁ ହୀନ
ଟିକି ହୃଦ ମଧ୍ୟେ ବସି ରହିଛନ୍ତି
 ନିଜେ ପ୍ରଭୁ ଭଗବାନ ।

ସାହାପୁର, ପୀରହାଟ ବଜାର, ଭଦ୍ରକ



ଲୋକେ ତୁମକୁ ଭଲ କୁହନ୍ତୁ ବୋଲି ଯଦି ଇଚ୍ଛା କରୁଥାଅ, ତେବେ ନିଜେ ନିଜର ପ୍ରଶଂସା କେବେହେଲେ କରନାହିଁ। - ପାସ୍‌କାଲ

# ହୋଲି

ଜ୍ୟୋତିପ୍ରଭା ପଟ୍ଟନାୟକ



ବାରମାସେ ତେର ପରବ ପଡଇ
ଓଡ଼ିଆ ସଂସ୍କୃତି ଏତ
ଛଅ ଋତୁ ମଧ୍ୟେ ବସନ୍ତ ଋତୁରେ
ହୁଏ ଦୋଳ ହୋଲି ଯାତ।
ଫାଲଗୁନ ମାସରେ ପୂର୍ଣ୍ଣମୀ ଅବସରେ
ହୁଏ ଆମ ଦୋଳ ଯାତ
ଦୋଳବିମାନରେ ରାଧାକୃଷ୍ଣ ମିଶି
ଖେଳନ୍ତି ବସନ୍ତ ରାସ।
ଚଣା ଆମ୍ବକସି ମୁଆଁ ଉଖୁଡ଼ାରେ
କଦଳୀ ନଡିଆ ଦେଇ

ଚାଚେରୀ ବୁଲନ୍ତି ପ୍ରଭୁ ରାଧାକୃଷ୍ଣ
ଭୋଗ ଓ ନୈବେଦ୍ୟ ପାଇ।
ଶ୍ରୀ ଜଗନ୍ନାଥଙ୍କୁ ନବବସ୍ତ୍ର ଲାଗି
ହୁଏ ଦୋଳ ପୂର୍ଣ୍ଣିମାରେ
ସ୍ୱର୍ଣ୍ଣ ଆଭୂଷଣ ଶଙ୍ଖ ଚକ୍ର ଗଦା ପଦ୍ମ
ହଳ ମୂଷଳ ଧାରଣ କରେ।
ଦୋଳ ପୂର୍ଣ୍ଣିମାର ପରଦିନ ହୁଏ
ରଙ୍ଗର ପରବ ହୋଲି
ରଙ୍ଗ ଅବିରରେ ଠାକୁର ଖେଳନ୍ତି
ଫଗୁରଙ୍ଗ ଦିଶେ ନାଲି।
ହୋଲିକା ଦହନ ହୁଏ ହୋଲିଦିନ
ରାକ୍ଷସ ପ୍ରବୃତ୍ତି ନାଶ

ସ୍ୱଧର୍ମ ସମନ୍ୱୟ ଭାଇଚାରା
ଜାତିଧର୍ମ ନିର୍ବିଶେଷ।
ରାସାୟନିକ ରଙ୍ଗ ଅଟେ ମାରାତ୍ମକ
ଡାକି ଆଣେ ନାନା ରୋଗ
ଗୁରୁଜନ ପାଦେ ଅବିରକୁ ଦେଇ
ଆଶିଷ ମାଗିବା ଆଗ।
ସବୁ ଋତୁ ଆମ ପରବ ପର୍ବାଣୀ
ଓଡ଼ିଆଙ୍କ ପରମ୍ପରା
ଦୋଳ ହୋଲି ଆଣେ ସବୁରି ଭିତରେ
ଆପଣାର ଭାଇ ଚାରା।

ଖୋର୍ଦ୍ଧା

# ବିଷମିଶା ହସ

**ସୁକାନ୍ତ ସାମର୍ଥ**

ତୁମ ହାତେ ଭାବିଥିଲି ଆଙ୍କିବାକୁ
ମୋ ଜୀବନର ଇନ୍ଦ୍ରଧନୁ ରଙ୍ଗ,
ହେଲେ ଦେଖିଲି ମୁଁ
ଧରିଥିଲ ତୂଳୀ
ଆଙ୍କିବାକୁ ଦେହେ ମୋର କଳା ଦାଗ :

ତୁମ ହାତେ ଭାବିଥିଲି ପାରିବାକୁ
ସୁଖର ଗୋଲାପ ଫୁଲ ଶେଯ,
ହେଲେ ଦେଖିଲି ମୁଁ
ଧରିଥିଲ ଅପମାନ କଣ୍ଟା
ଦେବାକୁ ଅସହ୍ୟ ଆଘାତ :

ତୁମ ହାତେ ଭାବିଥିଲି ଲେଖିବାକୁ
ପ୍ରେମର ଅମର କାହାଣୀ
ବାନ୍ଧି ସାତ ଜନ୍ମର ସମ୍ପର୍କ,
ହେଲେ ଦେଖିଲି ମୁଁ
ଧରିଥିଲ ଘୃଣା ତରବାରୀ
ଆଉ ନିଷ୍ଠୁରତା ନଦୀକୂଳେ
ଝରିଥିଲା ସିନ୍ଦୂରରୁ ଧାର ଧାର ରକ୍ତ :

ତୁମ ହାତେ ଭାବିଥିଲି ଗଢିବାକୁ
ଝଲମଲ ସୁଖର ଉଆସ,
ହେଲେ ଦେଖିଲି ମୁଁ
ଧରିଥିଲ ଅପବାଦର ବାରୁଦ
ନିଜ ହାତେ ଧ୍ୱଂସ କରିବାକୁ
ନିଜ ସ୍ୱପ୍ନ ସୌଧ :

ତୁମ ସାଥେ ଭାବିଥିଲି ଦେଖିବାକୁ
ସବୁ ରାତି ଚାନ୍ଦିନୀର ହସ,
ହେଲେ ଦେଖିଲି ମୁଁ
ଧରିଥିଲ ଦୋଷ କଳାମେଘ
ଢାଙ୍କିବାକୁ ମୋ ପୂନେଇଁ ଖୁସିର ଆକାଶ :

ତୁମ ସାଥେ ଭାବିଥିଲି ଉଡିବାକୁ
ଯୋଜନ ଯୋଜନ ସ୍ୱପ୍ନ,
ହେଲେ ଦେଖିଲି ମୁଁ
ଧରିଥିଲ ଅନୁଶାସନର କାତି
କାଟିବାକୁ ପର ମୋର ପରସ୍ତ ପରସ୍ତ।

ତୁମ ସାଥେ ଭାବିଥିଲି ଜିଇଁବାକୁ
ଦେଇ ମୋର ଜୀବନ ସର୍ବସ୍ୱ,
ହେଲେ ଦେଖିଲି ମୁଁ
ଧରିଥିଲ ପ୍ରତାରଣା ପ୍ରତିଶ୍ରୁତି,
ଅବିଶ୍ୱାସ ହାତ
ଆଉ ଦେଇଥିଲ ସେଦିନ ବିଷମିଶା ହସ ।



ଥରେ ମିଛ କହିବାର ବିପଦ ହେଉଛି, ଆଉ ଥରେ ସତ କହିଲେ ମଧ୍ୟ ଅନ୍ୟମାନେ ବିଶ୍ୱାସ କରିବେ ନାହିଁ। - ଆରିଷ୍ଟଟଲ

# ସହିଦ ଦିବସ



ରାମଶଙ୍କର

**ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂ, ଶିବରାମ ହରି ରାଜଗୁରୁ ଓ ଶୁଖଦେବ ଥାପରଙ୍କୁ ବ୍ରିଟିଶ ସରକାର ୨୩ ମାର୍ଚ୍ଚ ୧୯୩୧ରେ ଫାଶୀ ଖୁଣ୍ଟରେ ଝୁଲାଇଥିଲେ। ବିଶ୍ୱ ଇତିହାସରେ ବିରଳ ଏହି ତିନି ଜଣ ଦେଶର ସ୍ୱାଧୀନତା ପାଇଁ ହସି ହସି ଫାଶୀ ମଞ୍ଚକୁ ଚଢ଼ି ଯାଇଥିଲେ।**



ଭଗତ ସିଂ | ଶିବରାମ ରାଜଗୁରୁ | ସୁଖଦେବ ଥାପର

**ଭଗତ ସିଂ** – ଜନ୍ମ ୨୭ ସେପ୍ଟେମ୍ବର ୧୯୦୭। ପଞ୍ଜାବ ପ୍ରଦେଶର ଲାୟଲପୁର ଜିଲ୍ଲାର ବଙ୍ଗ ଗ୍ରାମରେ ଏକ ଶିଖ୍ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ସର୍ଦ୍ଦାର କିଶନ ସିଂ ଓ ମାତାଙ୍କ ନାମ ଥିଲା ବିଦ୍ୟାବତୀ କୌର। ଜାଲିୱାନାବଲାବାଗ ହତ୍ୟାକାଣ୍ଡ (୨୩.୪.୧୯୨୧) ଭଗତ ସିଂଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ସେତେବେଳେ ସେ ଲାହୋର ସ୍ଥିତ ବ୍ୟାସନାଲ କଲେଜର ପାଠ ପଢା ଛାଡି ଭାରତର ସ୍ୱାଧୀନତା ପାଇଁ 'ନୌ ଯବାନ ଭାରତ ସଭା' ସ୍ଥାପନା କରିଥିଲେ। କାକୋରୀ କାଣ୍ଡରେ ରାମପ୍ରସାଦ ବିସ୍ମିଲଙ୍କ ସହିତ ୪ଜଣଙ୍କୁ ଫାଶୀ ଦଣ୍ଡ ଏବଂ ୧୩ ଜଣଙ୍କୁ ଆଜୀବନ କରାବାସ ଭଗତ ସିଂଙ୍କୁ ଚିନ୍ତିତ କରି ପକାଇଥିଲା। ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ଆଜାଦଙ୍କ ଦ୍ୱାରା ଗଠିତ 'ହିନ୍ଦୁସ୍ଥାନ ସୋସାଲିଷ୍ଟ ରିପବ୍ଲିକାନ ଆସୋସିଏସନ' ସଙ୍ଗଠନରେ ସାମିଲ ହୋଇଥିଲେ। ୧୯୨୮ରେ 'ସାଇମନ କମିଶନ'କୁ ବିରୋଧ କରି ଆୟୋଜିତ ବିଶାଳ ବିକ୍ଷୋଭର ନେତୃତ୍ୱ ନେଉଥିବା ଲାଲା ଲାଜପତ ରାୟଙ୍କ ମୃତ୍ୟୁ ବ୍ରିଟିଶ ପୁଲିସର ଲାଠିମାଡ ଯୋଗୁ ଘଟିଲା। ବ୍ରିଟିଶ ସରକାରଙ୍କୁ ଦେଶରୁ ତଡିବା ପାଇଁ ଭଗତ ସିଂ ଆନ୍ଦୋଳନକୁ ପ୍ରଭାବଶାଳୀ କରିବାପାଇଁ ଯୋଜନା କଲେ। ଇଂରେଜ ସରକାରଙ୍କୁ ଚେତାବନୀ ଦେବା ଉଦ୍ଦେଶ୍ୟରେ ୮ ଏପ୍ରିଲ ୧୯୨୧ରେ 'କେନ୍ଦ୍ରୀୟ ଆସେମ୍ବ୍ଲି' ଭିତରକୁ ଦର୍ଶକ ଗ୍ୟାଲେରୀରୁ ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ବଟୁକେଶ୍ୱର ଦତ୍ତଙ୍କ ସହ ମିଶି ବୋମା ଫୋପାଡିଲେ। କିନ୍ତୁ ସେଠାରୁ ପଳାଇ ନଯାଇ ପୁଲିସ ହାତରେ ଯୋଜନାବଦ୍ଧ ଭାବରେ ଧରା ଦେଲେ। ୭ ଅକ୍ଟୋବର ୧୯୩୦ରେ ବ୍ରିଟିଶ ଅଦାଲତ ଭଗତ ସିଂଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କଲେ। ୧୮ ଫେବୃଆରୀ, ୧୯୩୧ରେ ମହାତ୍ମାଗାନ୍ଧୀ ଭାଇସରାୟଙ୍କୁ ପତ୍ର ଲେଖି ଭଗତ ସିଂଙ୍କୁ ଫାଶୀ ଦଣ୍ଡରୁ କ୍ଷମା କରିଦେବା ପାଇଁ ଅପିଲ କଲେ। ବ୍ରିଟିଶ ସରକାର ଅପିଲଙ୍କୁ ଖାରଜ କରି ୨୩ ମାର୍ଚ୍ଚ ୧୯୩୧ରେ ଭଗତ ସିଂଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଲେ।

ବିଶ୍ୱ ପ୍ରସିଦ୍ଧ ଦାର୍ଶନିକ କାର୍ଲ ମାର୍କ୍ସଙ୍କ ରାଜନୈତିକ ଓ ଅର୍ଥନୈତିକ ସିଦ୍ଧାନ୍ତ ଦ୍ୱାରା ଭଗତ ସିଂ ପ୍ରଭାବିତ ଥିଲେ। ପୁଞ୍ଜିପତିଙ୍କ ଦ୍ୱାରା କୃଷକ ଓ ଶ୍ରମିକମାନଙ୍କ ଶୋଷଣ ବିରୁଦ୍ଧରେ ସମାଜବାଦୀ ଆନ୍ଦୋଳନକୁ ସ୍ୱାଧୀନତା ସଂଗ୍ରାମ ସହ ସାମିଲ କରିଥିଲେ। ଫାଶୀ ଦଣ୍ଡରେ ଦଣ୍ଡିତ ହେବା କଥା ଜାଣି ମଧ୍ୟ ଜଣେ ୨୩ ବର୍ଷର ଯୁବକ ସ୍ଥିର ଚିତ୍ତରେ ଜେଲ ଭିତରେ ଥାଇ ଲେଖିଥିବା ପୁସ୍ତକ 'ମୁଁ ନାସ୍ତିକ କାହିଁକି' ପଢି ବିଶ୍ୱର ଅନେକ ପ୍ରସିଦ୍ଧ ବ୍ୟକ୍ତି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

ଭଗତ ସିଂଙ୍କ ସହିତ ଗୋଟିଏ ଫାଶୀ ମଞ୍ଚରେ ଆଉ ୨ଜଣ ଯୁବ ସ୍ୱାଧୀନତା ସଂଗ୍ରାମୀଙ୍କୁ ମଧ୍ୟଦଣ୍ଡିତ କରାଯାଇଥିଲା।

**ଶିବରାମ ହରି ରାଜଗୁରୁ** – ମୁମ୍ବାଇ ପ୍ରୋଭିନ୍ସ (ବର୍ତ୍ତମାନର ମହାରାଷ୍ଟ୍ର)ର ପୁନେ ନିକଟବର୍ତ୍ତୀ ଖେଡ ଗ୍ରାମର ପିତା ହରିନାରାୟଣ ରାଜଗୁରୁ ଓ ମାତା ପାର୍ବତୀ ଦେବୀଙ୍କ ପୁତ୍ର ରୂପେ ୨୪ ଅଗଷ୍ଟ ୧୯୦୮ରେ ଜନ୍ମ ଗ୍ରହଣ କରିଥିଲେ। ଗ୍ରାମରେ ପ୍ରାଥମିକ ଶିକ୍ଷା ସମାପ୍ତ ପରେ ପୁନେସ୍ଥିତ ନ୍ୟୁ ଇଂଲିଶ ହାଇସ୍କୁଲରେ ଅଧ୍ୟୟନ କରିଥିଲେ। ମାତ୍ର ଦେଶକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତି ପାଇଁ ସ୍ୱାଧିନତା ସଂଗ୍ରାମରେ ଯୋଗ ଦେଇଥିଲେ। ବ୍ରିଟିଶ ପୁଲିସ ଅଧିକାରୀ ଜେ.ପି.ଜନ୍ ସୌଣ୍ଡରସର ଲାଠିମାଡର ଆଘାତରେ ଲାଲା ଲାଜପତ ରାୟଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ରାଜଗୁରୁ ଭଗତ ସିଂଙ୍କ ସହ ମିଶି ତାଙ୍କୁ ହତ୍ୟା କରିଥିଲେ।

**ଶୁଖଦେବ ଥାପର** – ପଞ୍ଜାବ ପ୍ରଦେଶର ଲୁଧିଆନାଠାରେ ପିତା ରାମଲାଲ ଥାପର ଓ ମାତା ରାଲି ଦେବୀଙ୍କ ଔରସରୁ ୧୫ ମେ ୧୯୦୭ରେ ଜନ୍ମ ଗ୍ରହଣ କରିଥିଲେ। ଭଗତ ସିଂଙ୍କ ଦ୍ୱାରା ଗଠିତ 'ନବ ଯୱାନ୍ ଭାରତ ସଭା'ର ପଞ୍ଜାବ ପ୍ରଦେଶ ମୁଖ୍ୟ ଥିଲେ। ଉତ୍ତର ଭାରତରେ କ୍ରାନ୍ତିକାରୀ ସଙ୍ଗଠନ ଗଢିବା ତାଙ୍କର ମୁଖ୍ୟ କାର୍ଯ୍ୟ ଥିଲା। ଲାଲା ଲାଜପତ୍ ରାୟଙ୍କ ହତ୍ୟାକାରୀ ବ୍ରିଟିଶ ପୋଲିସ ଅଧିକାରୀଙ୍କ ହତ୍ୟା ଓ ସେଣ୍ଟ୍ରାଲ ଆସେମ୍ବ୍ଲିରେ ବମ୍ ପକାଇବା ଅପରାଧରେ ବ୍ରିଟିଶ ସରକାର ୨୩ ମାର୍ଚ୍ଚ ୧୯୩୧ରେ ଭଗତ ସିଂ ଓ ରାଜଗୁରୁଙ୍କ ସହ ଦଣ୍ଡରେ ଦଣ୍ଡିତ କରିଥିଲା।

ସ୍ୱାଧୀନ ଭାରତର ଜନ୍ମ ଗ୍ରହଣ କରିଥିବା ଆଜିର ଯୁବକମାନେ ସ୍ୱାଧୀନତା ଆନ୍ଦୋଳନରେ ନିଜ ଜୀବନକୁ ଉର୍ତ୍ସଗ କରିଥିବା ସହିଦମାନଙ୍କ ଜୀବନ ଅଧ୍ୟୟନ କରିବା ଉଚିତ୍। ସେମାନଙ୍କ ତ୍ୟାଗପୂର୍ଣ୍ଣ ଜୀବନରୁ ପ୍ରେରଣା ପାଇ ଦେଶର ଉନ୍ନତି ପାଇଁ କିଛି କରିପାରିଲେ ସହିଦମାନଙ୍କ ବଳିଦାନ ପ୍ରତି ଉପଯୁକ୍ତ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ହେବ।

ମୋ – ୯୩୩୭୬୨୧୪୫୫



ଧନୀ ଲୋକମାନେ ରୋଗରେ ପଡ଼ିଲେ ହିଁ ସମ୍ପଦର ଅସାରତା କ'ଣ ତାହା ବୁଝିପାରନ୍ତି। – ହୋଲ୍ଟନ

# ମହିଳା କ୍ରିକେଟର କଥା



**ଆଶିଷ କୁମାର ରାୟ**

ମହିଳା କ୍ରିକେଟ ପାଇଁ ଆମ ଦେଶରେ ଏବେ ସୃଷ୍ଟି ହୋଇଛି ଏକ ନୂଆ ଉତ୍ସାହ। ଆରମ୍ଭ ହୋଇଛି ମହିଳା କ୍ରିକେଟରଙ୍କ ପାଇଁ ଇଣ୍ଡିଆନ ପ୍ରିମିୟର ଲିଗ୍। ଏହି ମହିଳା ଆଇ.ପି.ଏଲ. ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି ପାଞ୍ଚଗୋଟି ଦଳ। ସେହି ଦଳଗୁଡ଼ିକ ହେଲେ ଗୁଜରାଟ ଜାଏଣ୍ଟସ୍, ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ, ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଉତ୍ତର ପ୍ରଦେଶ ୱାରିୟର୍ସ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୨୨ଟି ମ୍ୟାଚ ଖେଳାଯିବାକୁ ଥିବା ବେଳେ ସେଥିମଧ୍ୟରୁ ୧୧ଟି ନଭି ମୁମ୍ବାଇର ଡି.ୱାଇ. ପାଟିଲ ଷ୍ଟାଡିୟମରେ ତଥା ଫାଇନାଲ ସମେତ ବାକି ୧୧ଟି ମ୍ୟାଚ ମୁମ୍ବାଇର ବ୍ରାବୋର୍ନ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ଖେଳାଳିମାନଙ୍କ ସହିତ ବିଶ୍ୱର ପ୍ରମୁଖ ଖେଳାଳିମାନଙ୍କୁ ବିଭିନ୍ନ ଦଳ ପକ୍ଷରୁ ଅନୁବନ୍ଧିତ କରାଯାଇଛି।



ମାର୍ଚ୍ଚ ୨୬ ତାରିଖରେ ଖେଳାଯିବାକୁ ଥିବା ମହିଳା ଆଇ.ପି.ଏଲ.ର ଚୂଡ଼ାନ୍ତ ମୁକାବିଲାରେ କେଉଁ ଦଳ ବିଜୟୀ ହେବ ତାହା ସେହିଦିନ ହିଁ ଜଣାପଡ଼ିବ, କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ ଏହି ପ୍ରତିଯୋଗିତା ଆମ ଦେଶରେ ମହିଳା କ୍ରିକେଟର ଲୋକପ୍ରିୟତାକୁ ବହୁଗୁଣରେ ବୃଦ୍ଧି କରିବା ସହିତ ଭାରତୀୟ କ୍ରୀଡ଼ାର ଏକ ମାଇଲଖୁଣ୍ଟସାବ୍ୟସ୍ତ ହେବ ନିଶ୍ଚୟ। ୨୦୦୮ରୁ ଆରମ୍ଭ ହୋଇଥିବା ପୁରୁଷ କ୍ରିକେଟରେ ଇଣ୍ଡିଆନ ପ୍ରିମିୟର ଲିଗ୍ ଯେଭଳି ଦିନକୁ ଦିନ ଲୋକପ୍ରିୟତାର ଶୀର୍ଷରେ ପହଁଚି ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ପାଇଁ ଅଜସ୍ର ଆୟର ସ୍ରୋତ ହୋଇପାରିଛି, ଠିକ୍ ସେହିଭଳି ମହିଳାମାନଙ୍କର ଏହି ପ୍ରତିଯୋଗିତା ମଧ୍ୟ କିଛିବର୍ଷ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇପାରିବ, ଏଥିରେ ସନ୍ଦେହର କୌଣସି କାରଣ ନାହିଁ। ଏପରିକି ଲୋକପ୍ରିୟତାରେ ଏହା ଅଷ୍ଟ୍ରେଲିଆରେ ଆୟୋଜିତ ହେଉଥିବା ମହିଳା ବିଗ୍‌ବାସ୍ ଲିଗ୍‌କୁ ମଧ୍ୟ ପଛରେ ପକାଇ ଦେବାର ସମ୍ଭାବନା ରହିଛି।

ଅଷ୍ଟ୍ରେଲିଆର ଏହି ମହିଳା ବିଗ୍‌ବାସ୍ କ୍ରିକେଟ ଲିଗ୍‌କୁ ଲକ୍ଷ୍ୟକରି ଭାରତରେ ମଧ୍ୟ ଏଭଳି ଏକ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ବି.ସି.ସି.ଆଇ ପକ୍ଷରୁ ଚିନ୍ତା କରାଯାଇଥିଲା। ସେଥିପାଇଁ ଓମେନ୍ସ ଟି-ଟ୍ୱେଣ୍ଟି ଚାଲେଞ୍ଜ ଭଳି ଏକ ପ୍ରତିଯୋଗିତା ୨୦୧୮ରେ ଆରମ୍ଭ କରାଗଲା। ସେ ବର୍ଷ କେବଳ ଦୁଇଟି ଦଳ ମଧ୍ୟରେ ଗୋଟିଏ ମ୍ୟାଚ ମୁମ୍ବାଇରେ ଖେଳାଗଲା ଏବଂ ସେଥିରେ ହରମନପ୍ରୀତ କୌରଙ୍କ ନେତୃତ୍ୱରେ ସୁପରନୋଭା ଦଳ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱରେ ଥିବା ଟ୍ରେଲବ୍ଲେଜର୍ସକୁ ପରାସ୍ତ କରି ବିଜୟୀ ହୋଇଥିଲା। ୨୦୧୯ରେ ଏହି ଦୁଇଟି ଦଳ ସହିତ ମିତାଲୀ ରାଜଙ୍କ ନେତୃତ୍ୱରେ ଭେଲୋସିଟୀ ନାମକ ଆଉ ଏକ ଦଳକୁ ମିଶାଇ ଜୟପୁରଠାରେ ଲିଗ୍ ଭିତ୍ତିରେ ମ୍ୟାଚ ଖେଳାଗଲା। ତିନିଟିଯାକ ଦଳ ଗୋଟିଏ ଲେଖାଏଁ ମ୍ୟାଚ ଜିତି ସମାନ ସ୍ତରରେ ରହିବା ପରେ ନେଟ ରନ ରେଟ୍ ଅନୁସାରେ ସୁପରନୋଭା ଏବଂ ଭେଲୋସିଟୀ ମଧ୍ୟରେ ଫାଇନାଲ ଖେଳାଗଲା, ଯେଉଁଥିରେ ହରମନପ୍ରୀତ କୌରଙ୍କ ସୁପରନୋଭା ବିଜୟୀ ହୋଇ ଚାମ୍ପିଆନ ଆଖ୍ୟା ଅର୍ଜନ କରିଥିଲା। ଏହାପରେ ୨୦୨୦ରେ ସେହି ତିନିଦଳଙ୍କୁ ନେଇ ଖେଳାଯାଇଥିବା ପରବର୍ତ୍ତୀ ଓମେନ୍ସ ଟି-ଟ୍ୱେଣ୍ଟି ଚାଲେଞ୍ଜ ଜିତିବାର ପାଳିଥିଲା ସ୍ମୃତି ମନ୍ଧାନାଙ୍କ ଟ୍ରେଲ୍‌ବ୍ଲେଜର୍ସର। ଫାଇନାଲରେ ସେମାନେ ପରାସ୍ତ କରିଥିଲେ ସୁପରନୋଭାକୁ। କୋଭିଡ-୧୯ ମହାମାରୀର ପ୍ରଥମ ଲହର ପରେ ଏହି ପ୍ରତିଯୋଗିତା ୟୁ.ଏ.ଇ.ର ଶାରଜାହ୍‌ଠାରେ ସମ୍ପନ୍ନ ହୋଇଥିଲା। ତେବେ କରୋନାର ଦ୍ୱିତୀୟ ଲହର ଯୋଗୁଁ ୨୦୨୧ରେ ମହିଳା ଟି-ଟ୍ୱେଣ୍ଟି ଚାଲେଞ୍ଜ ଖେଳାଯିବା ସମ୍ଭବ ନଥିଲା। ଏହାପରେ ପୁଣେରେ ୨୦୨୨ରେ ଅନୁଷ୍ଠିତ ହେଲା ଏହି ପ୍ରତିଯୋଗିତାର ଚତୁର୍ଥ ତଥା ଅନ୍ତିମ ସଂସ୍କରଣ। ଏଥିରେ ହରମନପ୍ରୀତଙ୍କ ସୁପରନୋଭା ଦଳ ଫାଇନାଲରେ ଦୀପ୍ତି ଶର୍ମାଙ୍କ ନେତୃତ୍ୱରେ ଖେଳିଥିବା ଭେଲୋସିଟୀ ଦଳକୁ ପରାସ୍ତ କରି ତୃତୀୟଥର ସକାଶେ ଚାମ୍ପିଆନ ହୋଇଥିଲା।

ଯାହା ହେଉ ଏ ବର୍ଷ ମହିଳା ଟି-ଟ୍ୱେଣ୍ଟି ଚାଲେଞ୍ଜ ବଦଳରେ ଆରମ୍ଭ ହୋଇଛି ବହୁ ପ୍ରତୀକ୍ଷୀତ ମହିଳା ଆଇ.ପି.ଏଲ.। ଏଥି ନିମନ୍ତେ ଫେବ୍ରୁଆରୀ ୧୨ ତାରିଖରେ ଯେତେବେଳେ ଖେଳାଳି ନିଲାମ କରାଯାଉଥିଲା ସେତେବେଳେ ଭାରତୀୟ ଦଳ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ ଖେଳିବା ପାଇଁ ଦକ୍ଷିଣ ଆଫ୍ରିକାରେ ଥିଲେ। ସେହି ନିଲାମରେ ଭାରତୀୟ ଦଳର ପ୍ରାରମ୍ଭିକ ବ୍ୟାଟର୍ ସ୍ମୃତି ମନ୍ଧାନାଙ୍କୁ ବେଙ୍ଗାଲୁରୁ ଦଳ ସର୍ବାଧିକ ଅର୍ଥରେ କିଣିଥିବା ବେଳେ ତାଙ୍କ ପଛକୁ ଦାମି ଖେଳାଳି ଭାବେ ବିକ୍ରି ହୋଇଥିଲେ ଅଷ୍ଟ୍ରେଲିଆର ଅଶ୍‌ଲେ ଗାର୍ଡନର ଏବଂ ଇଂଲାଣ୍ଡର ନାତାଲୀ ସିଭର୍। ଏ ଦୁହେଁ ଯଥାକ୍ରମେ ଗୁଜରାଟ ତଥା ମୁମ୍ବାଇ ଦଳ ପାଇଁ ଅନୁବନ୍ଧିତ ହୋଇଥିଲେ। ଅନ୍ୟ ପ୍ରମୁଖ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଦୀପ୍ତି ଶର୍ମା ଓ ରାଜେଶ୍ୱରୀ ଗାଏକ୍ୱାଡ଼ ୟୁ.ପି. ଦଳକୁ, ଜେମିମା ରୋଡ୍ରିଗ୍ୱେଜ ଓ ଶେଫାଳି ବର୍ମା ଦିଲ୍ଲୀ ଦଳକୁ, ରିଚା ଘୋଷ ଓ ରେଣୁକା ସିଂହ ଠାକୁର ବେଙ୍ଗାଲୁରୁ ଦଳକୁ, ସ୍ନେହ ରାଣା ଓ ହରଲିନ

ଦେଓଲ ଗୁଜରାଟ ଦଳକୁ ତଥା ପୂଜା ବସ୍ତ୍ରକାର ଓ ହରମନପ୍ରୀତ କୌର ମୁମ୍ବାଇ ଦଳକୁ ଯାଇଥିଲେ ।

ଏବେ ଆମେ ଦୃଷ୍ଟି ନିକ୍ଷେପ କରିବା ଦକ୍ଷିଣ ଆଫ୍ରିକାରେ ଆୟୋଜିତ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ ଉପରେ । ହରମନପ୍ରୀତ କୌରଙ୍କ ନେତୃତ୍ୱରେ ହିଁ ଭାରତୀୟ ଦଳ ଏହି ବିଶ୍ୱକପରେ ଭାଗ ନେଇଥିଲା । ପ୍ରଥମ ମ୍ୟାଚରେ ପାକିସ୍ତାନକୁ ପରାସ୍ତ କରି ବିଜୟର ଅଭିଯାନ ମଧ୍ୟ ଆରମ୍ଭ କରିଥିଲା ହରମନପ୍ରୀତଙ୍କ ଦଳ । ଲିଗ୍ ପର୍ଯ୍ୟାୟରେ ଭାରତୀୟ ଖେଳାଳିମାନେ ପାକିସ୍ତାନ ସମେତ ୱେଷ୍ଟ ଇଣ୍ଡିଜ ଓ ଆୟାର୍ଲାଣ୍ଡକୁ ହରାଇଥିଲେ ଏବଂ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଇଂଲାଣ୍ଡ ହାତରୁ ୧୧ରନରେ ପରାଜିତ ହୋଇଥିଲେ । ଭାରତର ସେମି ଫାଇନାଲ ମୁକାବିଲା ଥିଲା ଅଷ୍ଟ୍ରେଲିଆ ସହିତ । ଏଥିରେ ଭାରତର ବିଜୟ ସମ୍ଭାବନା ଥିଲା ବହୁତ ଅଧିକ । ଅଷ୍ଟ୍ରେଲିଆର ୧୭୨ରନର ସ୍କୋରକୁ ପିଛା କରି ଭାରତ ଜେମିମା ରୋଡ୍ରିଗ୍ୱେଜ ଏବଂ ହରମନପ୍ରୀତଙ୍କ ଚମତ୍କାର ବ୍ୟାଟିଂ ବଳରେ ବିଜୟ ଆଡ଼କୁ ଅଗ୍ରସର ହେବାରେ ଲାଗିଥିଲା । ତେବେ ଜେମିମା ଏକ ଖରାପ ସଟ ଖେଳି ୪୩ ରନରେ ଆଉଟ ହେବା ପରେ ହରମନପ୍ରୀତ ଦୁର୍ଭାଗ୍ୟଜନକ ଭାବେ ୫୨ରନ କରି ରନ ଆଉଟ ହୋଇଗଲେ । ପରିଶେଷରେ ଭାରତ ୧୬୭ରନ କରି ମାତ୍ର ୫ ରନରେ ପରାଜୟ ବରଣ କଲା । ଫାଇନାଲରେ ଅଷ୍ଟ୍ରେଲିଆ ଦଳ ଦକ୍ଷିଣ ଆଫ୍ରିକାକୁ ୧୯ରନରେ ପରାସ୍ତ କରି ସପ୍ତମଥର ସକାଶେ ଚାମ୍ପିଆନ ଆଖ୍ୟା ଅର୍ଜନ କଲା । ଯଦି ଭାରତ ସେମି ଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିବାରେ ସମର୍ଥ ହୋଇଥାନ୍ତା ତେବେ ଟି-ଟ୍ୱେଣ୍ଟି ବିଶ୍ୱକପରେ ଚାମ୍ପିଆନ ମଧ୍ୟ ହୋଇପାରିଥାନ୍ତା । ଆଉ ତାହା ହୋଇଥିଲେ ଆଇ.ପି.ଏଲ. ପୂର୍ବରୁ ଆମ ଦେଶରେ ମହିଳା କ୍ରିକେଟର ଲୋକପ୍ରିୟତା ଯଥେଷ୍ଟ ବୃଦ୍ଧି ପାଇପାରିଥାନ୍ତା ।

ଭାରତୀୟ ସିନିଅର ମହିଳା ଦଳ ଚାମ୍ପିଆନ ହେବାରୁ ବଞ୍ଚିତ ହୋଇଥିଲେ ହେଁ ଗତ ଜାନୁଆରୀ ମାସରେ ସେହି ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ୧୯ ବର୍ଷରୁ କମ ଜୁନିଅର ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପରେ ଆମ ଦେଶ ଚାମ୍ପିଆନ ହେବାରେ ସମର୍ଥ ହୋଇଥିଲା । ଆନ୍ତର୍ଜାତିକ କ୍ରିକେଟ ପରିଷଦ ଦ୍ୱାରା ପ୍ରଥମଥର ସକାଶେ ଆୟୋଜିତ ଏହି ପ୍ରତିଯୋଗିତାରେ ଶେଫାଲି ବର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳ ଥିଲା ବେଶ୍ ଶକ୍ତିଶାଳୀ । ଭାରତ ଲିଗ୍ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା, ୟୁ.ଏ.ଇ. ଏବଂ ସ୍କଟଲାଣ୍ଡକୁ ଅକ୍ଲେଶରେ ପରାସ୍ତ କରିବା ପରେ ସୁପର ସିକ୍ସ ପର୍ଯ୍ୟାୟରେ ଶ୍ରୀଲଙ୍କାକୁ ହରାଇଥିବା ବେଳେ ଅଷ୍ଟ୍ରେଲିଆ ଠାରୁ ପରାଜିତ ହୋଇଥିଲା । ଏହାପରେ ସେମି ଫାଇନାଲରେ ନ୍ୟୁଜିଲାଣ୍ଡକୁ ଆଠ ଓ୍ୱିକେଟରେ ତଥା ଫାଇନାଲରେ ଇଂଲାଣ୍ଡକୁ ସାତ ଓ୍ୱିକେଟରେ ପରାସ୍ତ କରି ଭାରତ ବିଜୟୀ ହେଲା । ଶେଫାଲି ବର୍ମାଙ୍କ ସହିତ ଓ୍ୱିକେଟରକ୍ଷକ ବ୍ୟାଟର ରିଚା ଘୋଷ ମଧ୍ୟ ଏହି ପ୍ରତିଯୋଗିତା ସକାଶେ ବିଜୟୀ ଦଳରେ ସାମିଲ ଥିଲେ । ଏ ଦୁହେଁ ହେଉଛନ୍ତି ଭାରତୀୟ ସିନିଅର ଦଳର ନିୟମିତ ସଦସ୍ୟ । ଏ ଦୁହିଁଙ୍କ ବ୍ୟତୀତ ଟୁର୍ଣ୍ଣାମେଣ୍ଟରେ ଟପ୍ ସ୍କୋରର ହୋଇଥିବା ଶ୍ୱେତା ସେହରାଓ୍ୱତ ଏବଂ ଏଥିରେ ଦ୍ୱିତୀୟ ସର୍ବାଧିକ ଓ୍ୱିକେଟ ହାସଲକାରୀ ପାର୍ଶ୍ୱବୀ ଚୋପ୍ରାଙ୍କ ପ୍ରଦର୍ଶନ ମଧ୍ୟ ଥିଲା ଅତ୍ୟନ୍ତ ଉଚ୍ଚକୋଟୀର ।

ମୋ - ୯୪୩୭୬୨୭୫୧୪

## ଦ୍ରୋହକାଳ



ବୈଜୟନ୍ତୀ ପଟ୍ଟନାୟକ

ଆଖିବୁଜି ଭରସା କରିବାକୁ ମନହୁଏ
କେଉଁଠି କେଜାଣି ଟିକେ 'କିନ୍ତୁ' ରହିଯାଏ !
ପରଖି ନିରେଖି କିଏ ବଢାଏ କି ବନ୍ଧୁତାର ହାତ ?
ରହିଯାଏ ମନ କାହିଁ, ମୋହ ଲାଗିଯାଏ
ଛାତି ଦବିଯାଏ ବିଶ୍ୱାସର ପ୍ରଶ୍ନ ଉଠିଲେ ।

କେତେଯୁଗ ବିତିଲାଣି ବୁଜିଥିଲି ଆଖି କେବେ
ଶେଷଥର, ବିଶ୍ୱାସର ଘନଛାୟା ତଳେ -
ଏବେ ତ ପାଣି ପବନଠୁ ବଳି ହଳାହଳ
ଚିନ୍ତା ଚେତନାରେ, କିଏ ପର କିଏ ଆପଣାର
ନିଜଠୁ ଭରସା ତୁଟେ ବେଳେବେଳେ ।

ପଥର, ଲୁହାଠୁ ଭାରୀ ଅବୁଝାମଣାର ବୋଝ
ନା ସମ୍ଭାଳି ହୁଏ ନା ଉତାରି ହୁଏ -
ମିଛ ସିନା କହିହୁଏ ସାରା ଦୁନିଆକୁ
ମନକୁ କି ବୁଝେଇ ହୁଏ ନା ଭୁଲେଇ ହୁଏ ?

ଅନିଶ୍ଚିତ ପଛେ ଧାଇଁ
ପହଞ୍ଚିଲା ପରେ କେଉଁ ଅନ୍ଧଗଳିରେ
ନା ଆଗକୁ ବଢିହୁଏ, ନା ପଛକୁ ଚାହିଁହୁଏ -
ସୁଖ ଦୁଃଖକୁ ସିନା ଭାଗ୍ୟରେ ଭରସା
ମନକୁ ଛାଡିହୁଏ କାହା ଭରସାରେ ?

ଖୋଲା ଆଖିରେ ଦେଖେ ସ୍ୱପ୍ନ କେହି
କାନ ଡେରି ଶୁଣିବାକୁ ଚେଷ୍ଟାକରେ
ମୃତ୍ୟୁର ପାଦଶବ୍ଦ ଆଉ କିଏ-
ସ୍ୱପ୍ନଭଙ୍ଗର ଯନ୍ତ୍ରଣାରେ ଜର୍ଜରିତ ଜଣେ
ଆଉ ଜଣେ ଅତିଷ୍ଠ ଅପେକ୍ଷାର କ୍ଲାନ୍ତିରେ !

ଆସିବା ବେଳ ତ ନିଶ୍ଚୟ ଆସିବ
ତୋରଣ, ଫୁଲମାଳ କି ବନ୍ଦାଣଥାଳିର
ଅପେକ୍ଷା ନରଖି -,
ବାହାନା କି ନେହୁରା ନଶୁଣି -,
ପୁଣି ଥରେ ବରଂ
ସ୍ୱପ୍ନ ଦେଖାଯାଇପାରେ
ହେଉ ପଛେ ମନସ୍ତାପ -
କାନ୍ଦୁଅକୁ ଓହ୍ଲାଯାଇପାରେ !



ଲୋଭୀ ଲୋକଙ୍କୁ ଭଗବାନଙ୍କ ଶାସ୍ତି ଯେ, ସେ ନିଜର ସମ୍ପତ୍ତି ମଧ୍ୟ ଭୋଗ କରିପାରେ ନାହିଁ । - ଆଡାମ୍ସ

# ବିଜ୍ଞାନ ବିଚିତ୍ରା



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ଆସନ୍ତୁ ସାପ ବାବଦରେ ଜାଣିବା** – ବିଶ୍ୱରେ ପ୍ରାୟ ୩୦୦୦ କିସମର ସାପ ଦେଖାଯାଆନ୍ତି। ଏମାନଙ୍କର ଆଖିପତା ନଥାଏ। ଏମାନେ ମାଂସାଶୀ ଅଟନ୍ତି। ଯେହେତୁ ସାପମାନେ ଖାଦ୍ୟକୁ ଚୋବାଇ ପାରନ୍ତି ନାହିଁ, ତେଣୁ ଗୋଟା ଗିଳି ପକାନ୍ତି। ଆଣ୍ଟାର୍କଟିକା ମହାଦେଶକୁ ଛାଡିଦେଲେ ଅନ୍ୟ ସବୁ ଦେଶରେ ଏମାନଙ୍କୁ ଆମେ ପାଉ। ଏମାନଙ୍କ ପାଟି ପ୍ରସାରଣକ୍ଷମ ହୋଇଥିବାରୁ ନିଜ ମୁଣ୍ଡଠୁ ମଧ୍ୟ ବଡ ଆକାରର ଖାଦ୍ୟକୁ ଗ୍ରହଣ କରିପାରେ। ସାପମାନଙ୍କ କାନ ବାହାରକୁ ଦୃଶ୍ୟମାନ ହେଉ ନଥିଲେହେଁ ଭିତରେ ରହିଥାଏ। ସାପୁଆମାନେ ସାପ ଖେଳାଇଲାବେଳେ ସାପର ଯେଉଁ ଅଙ୍ଗଭଙ୍ଗୀ ଆମେ ଦେଖୁ ତାହା ଗୀତ ଯୋଗୁଁ ନହୋଇ ସାପୁଆର ହାତର ଗତି ଅନୁଯାୟୀ ହୋଇଥାଏ। ଏମାନଙ୍କ ଶରୀର କାତି ଦ୍ୱାରା ଆଚ୍ଛାଦିତ ହୋଇଥାଏ ଯାହାକୁ ସେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଛାଡି ଦେଇଥାଏ ଓ ସାପର ପାଚନ ଯନ୍ତ୍ର ଏପରି ଗଠିତ ହୋଇଥାଏ ଯେ ଖାଦ୍ୟକୁ ଗିଳିଲା ପରେ ଏହା ଆପେ ଆପେ ପାଚିତ ହୋଇଯାଏ। 'ନାଗ' ଓ 'ବ୍ଲାକ ମାମ୍ବାସ' ତାଙ୍କ ପାଟିରେ ଥିବା ବିଷ ଦ୍ୱାରା ବିଭିନ୍ନ ଜୀବଜନ୍ତୁଙ୍କୁ ହତ୍ୟା କରି ଖାଦ୍ୟ ରୂପେ ଆହରଣ କରିଥାନ୍ତି। ଶୁଣି ଆଶ୍ଚର୍ଯ୍ୟ ହେବେ ଯେ ସାପ ତା'ର ଜିହ୍ୱା ଦ୍ୱାରା ଆଘ୍ରାଣ କରିଥାଏ। ଅଜଗର ସାପ ତା'ର ଶତ୍ରୁକୁ ଚାରିପଟୁ କନ୍‌ଷ୍ଟ୍ରିକସନ ନାମକ ପ୍ରକ୍ରିୟାରେ ଆବଦ୍ଧ କରି ଚାପିଦେଇ ଶ୍ୱାସରୁଦ୍ଧ କରିଦିଏ ଓ ମୃତ ପ୍ରାଣୀକୁ ଆହାର ରୂପେ ଗ୍ରହଣ କରିଥାଏ। ସମୁଦ୍ରରେ ବାସ କରୁଥିବା କେତେକ ସାପ ଆଂଶିକ ରୂପେ ନିଜ ଚର୍ମ ସାହାଯ୍ୟରେ ଶ୍ୱାସକ୍ରିୟା ସଂପାଦନ କରିଥାନ୍ତି। ଦକ୍ଷିଣ ଆମେରିକାରେ ଥିବା ବିଶାଳକାୟ ସାପ ଆନାକୋଣ୍ଡାର ବିଷ ନଥାଏ, କିନ୍ତୁ ଏମାନଙ୍କ ଲମ୍ବ ୫ ମିଟର ବା ୧୬ ଫୁଟ ପର୍ଯ୍ୟନ୍ତ ହୋଇପାରେ। ଅଜଗର ସାପ ସବୁଠୁ ଲମ୍ବା ଅର୍ଥାତ ୮.୭ ମିଟର ବା ୨୮ ଫୁଟ ପର୍ଯ୍ୟନ୍ତ ହୋଇପାରେ।

**ଦାନ୍ତ ଫିଲିଙ୍ଗ ପାଇଁ କାଚର ବ୍ୟବହାର** – ଜଣେ ବୟସ୍କ ବ୍ୟକ୍ତି ଗୋଟିଏ ବର୍ଷ ମଧ୍ୟରେ ନିଜ ଦାନ୍ତକୁ ୬ ଲକ୍ଷ ଥର ଚୋବାଇବା ପାଇଁ ବ୍ୟବହାର କରିଥାଏ। ବିଭିନ୍ନ ପ୍ରକାର ଜୀବାଣୁ ଆକ୍ରମଣ ଯୋଗୁଁ କିମ୍ବା ରୋଗ କାରଣରୁ ଦାନ୍ତରେ ଗର୍ତ୍ତ ସୃଷ୍ଟି ହୋଇଥାଏ। ଦାନ୍ତ ଡାକ୍ତରଙ୍କ ପାଖକୁ ଗଲେ ସେ ଫିଲିଙ୍ଗ ପାଇଁ କହିଥା'ନ୍ତି। ଏଥିପାଇଁ ବିଭିନ୍ନ ଧାତୁ କିମ୍ବା ଧାତୁର ମିଶ୍ରଣକୁ ନିଆଯାଇଥାଏ। ଗୋଟିଏ ଗବେଷଣାରୁ ଜଣା ଯାଇଛି ଯେ ଏହି ଫିଲିଙ୍ଗ ଅତି ବେଶୀରେ ୬ ବର୍ଷ ରହେ। କିନ୍ତୁ ଏବେ ଆମେରିକାର ଓରେଗନ ଷ୍ଟେଟ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏକ ପ୍ରକାର ଜୈବ ସକ୍ରିୟ କାଚ ପ୍ରସ୍ତୁତ କରିଛନ୍ତି, ଯାହାକୁ ଫିଲିଙ୍ଗ ପାଇଁ ବ୍ୟବହାର କଲେ ତାହା ଯେ ବହୁ ଦିନ ପାଇଁ ରହିବ, କେବଳ ତାହା ନୁହଁ ବରଂ ଏହାକୁ ଜୀବାଣୁମାନେ ମଧ୍ୟ ଆକ୍ରମଣ କରିପାରିବେ ନାହିଁ ଓ ଏହା ତା'ର ଜୀବନକାଳ ମଧ୍ୟରେ ଆବଶ୍ୟକ ହେଉଥିବା କେତେକ ପୋଷକ ତତ୍ତ୍ୱ ଦାନ୍ତକୁ ଯୋଗାଇଥାଏ। ଏହି ଗବେଷକ ଦଳର ମୁଖ୍ୟ ଜାମି କୃଜିକଙ୍କ ମତରେ ଏହି କାଚକୁ ବିଗତ କିଛି ଦଶନ୍ଧି ହେଲା କେତେକ ଅସ୍ଥିମଜ୍ଜା ରୋଗରେ ବ୍ୟବହାର କରାଯାଉଛି।

**କଳା ରଙ୍ଗର ଚକୋଲେଟର ଉପକାରିତା** – ବିଗତ କରୋନା ସମୟରେ ହଠାତ ଏହି ଜାତୀୟ ଚକୋଲେଟ ବିକ୍ରି ତା'ର ରେକର୍ଡ ସ୍ତରରେ ପହଂଚିଥିଲା। ୟୁନିଭର୍ସିଟି କଲେଜ ଅଫ୍ ଲଣ୍ଡନ, କାନାଡାର ୟୁନିଭର୍ସିଟି ଅଫ୍ କାଲଗାରି, ଆଲବାର୍ଟା ହେଲ୍‌ଥ ସର୍ଭିସେସ ଦ୍ୱାରା ହୋଇଥିବା ଗବେଷଣାରୁ ଜଣାଯାଇଛି ଯେ ଏହାର ବ୍ୟବହାର ମନୁଷ୍ୟ ମନରୁ ଉତ୍କଣ୍ଠା, ଅବସାଦ ଓ ଚିନ୍ତା ଦୂର କରିବାରେ ସାହାଯ୍ୟ କରୁଛି। ୧୩,୬୨୬ ଜଣ ବୟସ୍କ ବ୍ୟକ୍ତିଙ୍କୁ ନେଇ କରାଯାଇଥିବା ଗବେଷଣାରୁ ଜଣା ଯାଇଛି ଯେ ଯଦି ୨୪ ଘଣ୍ଟା ପାଇଁ ଜଣେ ବ୍ୟକ୍ତି ଚକୋଲେଟକୁ ତା'ର ଆହାର ରୂପେ ଗ୍ରହଣ କରୁଛି, ତେବେ ତାଠାରେ ଅବସାଦର ଲକ୍ଷଣ କମ ଦେଖାଯାଉଛି। ଏହା ମୁଖ୍ୟତଃ ସମ୍ଭବ ହେଉଛି ଏଥିରେ ଥିବା ରାସାୟନିକ ପଦାର୍ଥ ଯୋଗୁଁ ଯେପରିକି ଏଥିରେ ରହିଥିବା ଫ୍ଲାଭାନଲ୍ସ ମସ୍ତିଷ୍କରେ ମନୋଭାବ ଓ ଅବଗତିକୁ ଉଜ୍ଜୀବିତ କରେ। ସେହିପରି ଏସାଇଲଇଥାନୋଲାମିନ୍ସ ଉତ୍କଣ୍ଠାକୁ ଦୂର କରି ମନକୁ ଖୁସି ରଖିଥାଏ। ଫିନାଇଲଇଥାଇଲ ଏମିନ ଆମକୁ ଖୁସି ରଖୁଥିବା ହରମୋନ ଡୋପାମିନ ଓ ସେରୋଟୋନିନ ସ୍ତରକୁ ବୃଦ୍ଧି କରି ଆମ ମନକୁ ପ୍ରଫୁଲ୍ଲିତ ରଖେ। 'ୟୁରୋପିଆନ ଫୁଡ ସେଫ୍ଟି ଅଥୋରିଟି' ମତରେ ଚକୋଲେଟରେ ଥିବା କୋକୋଆ ରକ୍ତଚାପକୁ ସ୍ଥିର ରଖିଥାଏ। ଏହି ରାସାୟନିକ ପଦାର୍ଥଗୁଡିକ ନିଶାଖୋର ବ୍ୟକ୍ତିଙ୍କ ନିଶା ପରି ମନକୁ ଆରାମ ପ୍ରଦାନ କରିଥାଏ। ଏଥିରେ ରହିଥିବା ଫିନାଇଲଇଥାଇଲ ଏମିନ ଏକ ନିଉରନ ମଡ୍ୟୁଲେଟର ଭାବେ କାର୍ଯ୍ୟ କରି ହଠାତ ମନୋଭାବରେ ପରିବର୍ତ୍ତନ ଆଣି ଦେଇଥାଏ। ଫଳରେ ବ୍ୟକ୍ତିଟି ବିଯୁକ୍ତାତ୍ମକ ଚିନ୍ତାରୁ ମୁକ୍ତି ପାଇଥାଏ। କର୍କଟ ରୋଗରେ ପୀଡିତ ବ୍ୟକ୍ତି ନିଜ ମନରୁ ଅବସାଦ ଓ ଉତ୍କଣ୍ଠା ଦୂର କରିବାକୁ ମଧ୍ୟ ଏହାକୁ ବ୍ୟବହାର କରି ପାରନ୍ତି। କିନ୍ତୁ ମନେ ରଖନ୍ତୁ ଚକୋଲେଟ ଖାଇବା କୌଣସି ଚିକିତ୍ସାର ଅଂଶବିଶେଷ ନୁହଁ ବରଂ ଏହା ସାମୟିକ ଭାବେ ରୋଗୀକୁ ମାନସିକ ଚାପରୁ ରକ୍ଷା କରିଥାଏ।

**ଆଗାମୀ କିଛି ବର୍ଷ ମଧ୍ୟରେ କଦଳୀ ବଂଶ ଲୋପ ପାଇଯିବ** – ସାରା ବିଶ୍ୱରେ କଦଳୀକୁ ଶ୍ରେଷ୍ଠ ୫ଟି ଫଳ ମଧ୍ୟରେ ସ୍ଥାନ ଦିଆ ଯାଇଥାଏ। ୧୨୦ଟି ଦେଶରେ ବର୍ଷକୁ ପ୍ରାୟ ୧୦୦ ମିଲିଅନ ଟନ କଦଳୀ ଉତ୍ପାଦନ ହୋଇଥାଏ। କିନ୍ତୁ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ବୈଜ୍ଞାନିକ ଲୋଆନିସ ଷ୍ଟର୍ଜିଓପୋଉଲସଙ୍କ ମତରେ ଯଦି ଆମେ ଏବେ ପ୍ରଚଳିତ କଦଳୀକୁ ପରିମାର୍ଜିତ କରି ନୂତନ ପ୍ରକାରର ରୋଗ ନିରୋଧକ ପ୍ରକାର ସୃଷ୍ଟି ନକଲେ ଆଗାମୀ ୫ ରୁ ୧୦ ବର୍ଷ ମଧ୍ୟରେ କଦଳୀ ବଂଶ ଲୋପ ପାଇଯିବ। କଦଳୀ ଗଛକୁ ସଂକ୍ରମଣ କରି ପାରୁଥିବା ୩ ପ୍ରକାର ଫଙ୍ଗସ ମଧ୍ୟରୁ ୨ଟି ଭେରାଇଟି ଏବେ ଅତି ମାରାତ୍ମକ ସାଜି ଏପରି



ସବୁବେଳେ ସନ୍ଦେହ କରିବାଟା ଧୀରେ ଧୀରେ ଆତ୍ମହତ୍ୟା କରିବା ସଙ୍ଗେ ସମାନ। – ଇମରସନ

ଗୋଟିଏ ମେଟାବଲିକ ପାଥଓ୍ୱେ ସୃଷ୍ଟି କରିଛନ୍ତି ଯାହାଦ୍ୱାରା କଦଳୀ ଗଛକୁ ଯାଉଥିବା ଖାଦ୍ୟସାରକୁ ଏମାନେ ଶୋଷି ନେଉଛନ୍ତି । ଫଳରେ ଖାଦ୍ୟ ବିହୁନେ କିଛି ଦିନ ମଧ୍ୟରେ ଗଛଟି ଶୁଖିଯାଇ ମୃତ୍ୟୁମୁଖରେ ପଡୁଛି। ଏବେ ସିଗାଟୋକା ନାମକ ଫଙ୍ଗସ ଯୋଗୁଁ କଦଳୀ ଉତ୍ପାଦନ ପ୍ରାୟ ୪୦% ହ୍ରାସ ପାଇଲାଣି। ଏହି ଫଙ୍ଗସ ଦ୍ୱାରା ହଳଦିଆ, କଳା ଓ ଇଉମୁସି ପତ୍ରଛିଟା ସିଗାଟୋକା ରୋଗ ହୋଇଥାଏ। ବିଗତ ଶତାବ୍ଦୀରେ ପଛ ଦୁଇରୋଗ ଯୋଗୁଁ ସାରା ବିଶ୍ୱରେ କଦଳୀ ବଂଶ ଲୋପ ପାଇବାକୁ ବସିଲାଣି। ବଜାରରେ ମିଳୁଥିବା କଦଳୀକୁ କ୍ୟାଭେଣ୍ଡିସ କୁହାଯାଏ ଯାହାକୁ ଗୋଟିଏ ଗଛର ପୁଆରୁ କିମ୍ବା ଡାଳ କାଟି ଲଗା ଯାଇଥାଏ ଅର୍ଥାତ ଏମାନଙ୍କୁ କ୍ଲୋନଡ ଭେରାଇଟି କୁହାଯାଏ। ଅର୍ଥାତ ପୃଥିବୀରେ ଦେଖା ଯାଉଥିବା ସବୁ କ୍ୟାଭେଣ୍ଡିସ କଦଳୀ ଗୋଟିଏ ଜିନୋଟାଇପ ଅନ୍ତର୍ଭୁକ୍ତ। ତେଣୁ ଯେଉଁ ରୋଗ ଗୋଟିଏ ଗଛକୁ ମାରିପାରେ ସେ ଏହି ଭେରାଇଟିର ସବୁ ଗଛକୁ ନିପାତ କରି ପାରିବ।

**କୃତ୍ରିମ ଅଗ୍ନାଶୟ** – ଆମେ ଜାଣୁ ଯେ ଟାଇପ-୧ ଡାଇବେଟିସ ଭୋଗୁଥିବା ବ୍ୟକ୍ତି ଶରୀରରେ ଇନସୁଲିନ ଉତ୍ପାଦନ ହେଉ ନଥିବାରୁ ସେମାନଙ୍କୁ ବିଭିନ୍ନ ସମୟରେ ରକ୍ତ ଶର୍କରା ସ୍ତର ମାପି ଆବଶ୍ୟକ ପରିମାଣର ଇନସୁଲିନ ନେବାକୁ ପଡିଥାଏ। ଆମ ଶରୀରରେ ଅଗ୍ନାଶୟ ଅତି ଧୀରଭାବେ ଦରକାର ମୁତାବକ ଇନସୁଲିନକୁ ଆବଶ୍ୟକ ଇନସୁଲିନ କ୍ଷରିତ କରିଥାଏ ଯାହାକୁ ବାସାଲ ବା ବେକଗ୍ରାଉଣ୍ଡ ଇନସୁଲିନ କୁହାଯାଏ। କିନ୍ତୁ ଆମେରିକାରେ ଏବେ ମିନିମେଡ ୬୭୦ଜି ନାମକ ହାଇବ୍ରିଡ କ୍ଲୋଜଡ ଲୁପ୍ଡ ସିଷ୍ଟମ ବାହାରିଛି ଯିଏ ଆପେ ଆପେ ଶରୀରରେ ଶର୍କରା ସ୍ତର ମାପି ଆବଶ୍ୟକ ପରିମାଣର ଇନସୁଲିନ ଯୋଗାଣ କରିଥାଏ। ଏହାକୁ ୧୪ ବର୍ଷ ବା ତଦୁର୍ଦ୍ଧ୍ୱ ଟାଇପ-୧ ଡାଇବେଟିସ ରୋଗୀଙ୍କୁ ଦେବା ପାଇଁ ଆମେରିକାର ଫୁଡ ଆଣ୍ଡ ଡ୍ରଗ୍ସ ଆଡମିନିଷ୍ଟ୍ରେସନ ଅନୁମତି ପ୍ରଦାନ କରିଛନ୍ତି। ଏତଦ୍ୱାରା ଟାଇପ-୧ ରୋଗୀମାନେ ବିନା ସଂଶୟରେ ବେସଲାଇନ ଇନସୁଲିନ ପାଇପାରିବେ।

# ବୃଦ୍ଧାବସ୍ଥାରେ ଶ୍ରବଣ ସମସ୍ୟା

ମନୁଷ୍ୟ ଜୀବନରେ ଜନ୍ମରୁ ମୃତ୍ୟୁ ଏକ କ୍ରମିକ ପ୍ରକ୍ରିୟା ଯାହା ମଧ୍ୟରେ ଅନେକ ଶାରୀରିକ ଉତ୍ଥାନ ଓ ପତନ ଦୃଷ୍ଟିଗୋଚର ହୋଇଥାଏ। ବାତ ଓ ଉଚ୍ଚ ରକ୍ତଚାପ ପରକୁ ତୃତୀୟ ସ୍ଥାନରେ ଯାହା ମଣିଷକୁ ଅସ୍ତବ୍ୟସ୍ତ କରିଥାଏ ତାହାହେଲା ଶ୍ରବଣ ସମସ୍ୟା। ୬୫ ରୁ ୭୪ ବର୍ଷ ବୟସ ମଧ୍ୟରେ ଏକ ଚତୁର୍ଥାଂଶ ଓ ୮୫ରୁ ଊର୍ଦ୍ଧ୍ୱ ବୟସର ଅର୍ଦ୍ଧାଧିକ ଲୋକ ଏହି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ଥରେ ବଧିରତା ଆସିଗଲେ ମନୁଷ୍ୟର ନିରାପତ୍ତା, ଜୀବନ ଶୈଳୀର ଗୁଣବତ୍ତା ଓ ସ୍ୱାଧୀନ ଭାବେ ବଂଚିବାର ଦୃଢତା ଉପରେ ଏହାର ଦୂରଗାମୀ ପ୍ରଭାବ ଅନୁଭୂତ ହୋଇଥାଏ। ଏହା ସାଧାରଣ ଭାବେ କେତେକ କ୍ରିୟାକଳାପ ଯଥା ସଭା ସମିତିକୁ ଯିବା, ନିଜ ଗାଡି ଡ୍ରାଇଭିଙ୍ଗ କରିବା, ଟିଭି ଦେଖିବା କିମ୍ବା ଟେଲିଫୋନ ବ୍ୟବହାର କରିବା ଉପରେ ଆପେ ଆପେ ଅଙ୍କୁଶ ଲାଗି ଯାଇଥାଏ। ବ୍ୟକ୍ତି ଜଣକ ନିଜକୁ ଆପେ ଆପେ ସମାଜଠାରୁ ଦୂରେଇ ନେଇ ମାନସିକ ଆବସାଦଗ୍ରସ୍ତ ହେବା ଆଜିକାଲି ଏକ ସାଧାରଣ ଘଟଣା ହୋଇ ଗଲାଣି। ଏମାନେ ବାହାରକୁ ଯାଇ ନ ପାରି ସର୍ବଦା ଘରେ ବସି ରହିବାରୁ ନାନାଦି ମାନସିକ ରୋଗର ମଧ୍ୟ ଶିକାର ହୋଇଥାନ୍ତି।

ଏହାର ଅନେକ କାରଣ ହୋଇପାରେ ଯଥା ବୟସାଧିକ୍ୟ ଜନିତ ଶାରୀରିକ ଦୁର୍ବଳତା, କାନ ଭିତରେ ମଇଳା ବା ୱାକ୍ସ ଜମିଯିବା, କ୍ରମାନ୍ୱୟ ଭାବରେ ଉଚ୍ଚ ଶବ୍ଦ ସଂସ୍ପର୍ଶରେ ରହିବା, କୌଣସି ଭୂତାଣୁ ବା ଜୀବାଣୁ ଦ୍ୱାରା ସଂକ୍ରମିତ ହେବା, ହୃଦଘାତର ଶୀକାର ହେବା, ଦୁର୍ଘଟଣାରୁ ମସ୍ତିଷ୍କରେ ଆଘାତ ଲାଗିବା, ମସ୍ତିଷ୍କରେ ଟ୍ୟୁମର ଥିଲେ, କେତେକ ମେଡିସିନର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁଁ କିମ୍ବା ଏହା ବଂଶଗତ ମଧ୍ୟ ହୋଇପାରେ। ବୟସାଧିକ୍ୟ ସହିତ ଏହା ଅଙ୍ଗାଙ୍ଗୀ ଭାବେ ସାଧାରଣ ସମସ୍ୟା ହୋଇ ଯୋଡି ହୋଇ ରହିଥାଏ। କାରଣ ବୟସ ବଢିବା ସହ ଶ୍ରବଣତନ୍ତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଏବଂ ମସ୍ତିଷ୍କର 'ସେରିବ୍ରାଲ କର୍ଟେକ୍ସ'ର ଦ୍ରୁତ ପରିବର୍ତ୍ତନ ଘଟିଥାଏ। ଏହା ସହିତ କାନ ଭିତରେ ଥିବା କକଲିଆର ସ୍ନାୟୁକୋଷ ତଥା ସଂଯୋଜକ ତନ୍ତୁମାନଙ୍କର ବିଘଟନ ମଧ୍ୟ ଘଟିଥାଏ। ସେମିତି ବ୍ରେନଷ୍ଟେମର ପରିବର୍ତ୍ତନ ଯୋଗୁଁ କୌଣସି ଗହଳି ସ୍ଥାନରେ ଶବ୍ଦର ଉତ୍ସକୁ ବାରି ନ ପାରିବା ଭଳି ସମସ୍ୟା ଉପୁଜିଥାଏ।

**ବଧିରତାର ଲକ୍ଷଣ :-** ଅଧିକାଂଶ ବୃଦ୍ଧ ବ୍ୟକ୍ତି ଉଚ୍ଚ ଶବ୍ଦ ଶୁଣିଲେ ବିରକ୍ତି ଭାବ ପ୍ରକାଶ କରିଥାନ୍ତି। ପ୍ରାୟ ୧୦% ବ୍ୟକ୍ତି ଯଦିଓ ଶୁଣିପାରନ୍ତି ତଥାପି ଟିନିଟିସ ଯୋଗୁ ଅସୁବିଧା ଭୋଗିଥାଆନ୍ତି। ସେମାନେ ସାଧାରଣତଃ କୌଣସି ଶବ୍ଦ କେଉଁ ସ୍ଥାନରୁ ଆସୁଛି ତା'କୁ ଜାଣି ପାରନ୍ତି ନାହିଁ। ଏହା ସହିତ ଯଦି ଟେଲିଫୋନରେ କଥା କମ ଶୁଭୁଛି ବୋଲି ଅନୁଭବ କରନ୍ତି, ଟିଭିରେ ଆପଣ ସାଉଣ୍ଡ ବଢାଇଲେ ଅନ୍ୟମାନେ ବିରକ୍ତ ହେଉଛନ୍ତି, କେହି ଜଣେ ଉଚ୍ଚ ସ୍ୱରରେ କଥା ହେଉଥିଲେ ବି ଆପଣ ତା' ପାଖକୁ ଗଲେ ଯାଇ ତା' କଥା ଶୁଣି ପାରୁଛନ୍ତି କିମ୍ବା ଯଦି ସବୁବେଳେ କାନ ବନ୍ଦ ହୋଇଗଲା ଭଳି ଅନୁଭବ କରୁଛନ୍ତି, ତେବେ ଡାକ୍ତରଙ୍କ ପରାମର୍ଶ ଅବଶ୍ୟ ନିଅନ୍ତୁ।

**ଏହାର ଚିକିତ୍ସା :-** ଡାକ୍ତରଙ୍କ ପରାମର୍ଶ ପରେ ଯଦି କାନ ଭିତରେ ମଇଳା ଜମିଥାଏ ତେବେ ତା'କୁ ସଫା କରାଇବା ଦରକାର। କିନ୍ତୁ ବଧିରପଣ ଯଦି ଅଧିକ ହୋଇଥାଏ, ତେବେ ହିଅରିଙ୍ଗ ଏଡ଼ର ସୁବିଧା ନିଅନ୍ତୁ। କିନ୍ତୁ ଏହାକୁ ବ୍ୟବହାର କରିବା ପୂର୍ବରୁ ପ୍ରଦତ୍ତ ସୂଚନାବଳୀକୁ ଭଲ ଭାବେ ବୁଝି ତା'ର ଉପଯୋଗ କରନ୍ତୁ ।

ଆଜିକାଲି ଅବଶ୍ୟ ଟେଲିଫୋନ ବ୍ୟବହାରକାରୀଙ୍କ ପାଇଁ ମନ ମୁତାବକ ଶବ୍ଦର ତୀବ୍ରତାକୁ କମ ବେଶୀ କରିବା ପାଇଁ ବ୍ୟବସ୍ଥା ସେହି ଯନ୍ତ୍ରରେ ହିଁ ରହୁଛି, ତେଣୁ ଆଉ ଅସୁବିଧା ହେଉନାହିଁ। କେତେକ 'ହିଅରିଂ ଏଡ୍' ଶବ୍ଦର ତୀବ୍ରତାକୁ ଅଯଥାରେ ବହୁତ ବଢାଇ ଦେଇଥାନ୍ତି, ଯାହା ବ୍ୟବହାରକାରୀଙ୍କୁ ବିରକ୍ତ କରିଥାଏ

। ତେଣୁ ଆଜିକାଲି ନିଜ ସମ୍ମୁଖରେ କହୁଥିବା ବ୍ୟକ୍ତିର ଓଷ୍ଠ ଚାଳନାରୁ ସେ କ'ଣ କହୁଛି ତା'କୁ ବୁଝିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହାକୁ ଓଠକୁ ପଢିବା କୌଶଳ ବା 'ଲିପ୍ ରିଡିଙ୍ଗ ଟେକ୍ନିକ' କୁହାଯାଏ।

ଏତଦ୍‌ବ୍ୟତୀତ ଆଜିକାଲି ଟେଲିଫୋନ ଆମ୍ପ୍ଲିଫାୟର, କଲିଂବେଲ କିମ୍ବା ଟେଲିଫୋନ ରିଂ ହେବା, ଧୂଆଁ ସୂଚକ, ଅଗ୍ନି ନିର୍ବାପକ ସାଇରନର ବିକଳ୍ପ ଭାବେ ଆଲୋକ ସଂକେତର ବ୍ୟବସ୍ଥା ହୋଇଛି। ଭଲ କରି ଶୁଣି ପାରୁନଥିବା ବ୍ୟକ୍ତି ସଙ୍ଗେ ବାର୍ତ୍ତାଳାପ କରିବାଟା କଠିନ ହୋଇଥାଏ, କାରଣ ଉଭୟ ପରସ୍ପରର ଅସୁବିଧାକୁ ବୁଝିଲେ ଯାଇ ଏହା ସୁଗମ ହୋଇଥାଏ। ଏଥିପାଇଁ ଶ୍ରୋତା ଅପେକ୍ଷା ବକ୍ତା ଟିକେ ଅଧିକ ସମ୍ବେଦନଶୀଳ ହେବା ବିଧେୟ। ଯେତେବେଳେ ଆପଣ ଏପରି ବ୍ୟକ୍ତିଙ୍କ ସହ କଥା ହେଉଛନ୍ତି, ଟିକେ ଧୈର୍ଯ୍ୟବାନ ହୁଅନ୍ତୁ। ଯାହା କହୁଛନ୍ତି, ଶ୍ରୋତା ପାଖକୁ ଯାଇ ଟିକେ ଜୋର ପାଟିରେ କଥା କୁହନ୍ତୁ। ଯେତେ ସମ୍ଭବ ଆପଣଙ୍କ କଥାର ମୁଖ୍ୟାଂଶକୁ ବିଭିନ୍ନ ଅଙ୍ଗଭଙ୍ଗୀ ମାଧ୍ୟମରେ ବୁଝାଇବାକୁ ଯତ୍ନ କରନ୍ତୁ। ଦୃଶ୍ୟମାନ ସୂତ୍ର ସାହାଯ୍ୟରେ ନିଜ ମୁହଁକୁ ନ ଲୁଚାଇ କଥା ହୁଅନ୍ତୁ। କଥା ହେବା ସମୟରେ ହାତରେ ପାଟି ବନ୍ଦ କରିବା, ସିଗାରେଟ ବା ପାଇପ ଦେଇ କଥା ହୁଅନ୍ତୁ ନାହିଁ, କାରଣ ଶୁଣିବା ବ୍ୟକ୍ତିଟି ଆମ ଓଠର ଗତିରୁ ଅନେକ ଧାରଣା ପାଇଥାନ୍ତି। କଥା ହେଲାବେଳେ ପଛପଟରୁ ଆସୁଥିବା ଅନାବଶ୍ୟକ କଥାବାର୍ତ୍ତାକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ। କଥାବାର୍ତ୍ତା ଆରମ୍ଭ ପୂର୍ବରୁ ଶ୍ରୋତାଙ୍କୁ ନିଜ ପଟକୁ ଆକୃଷ୍ଟ କରିବାକୁ ଚେଷ୍ଟା କରନ୍ତୁ।

ଯଦି କିଛି ଗୁରୁତ୍ୱପୂର୍ଣ୍ଣ କଥା କହିବାର ଅଛି, ତେବେ ଲେଖା ମାଧ୍ୟମରେ ଏହାକୁ ଜଣାଇବାକୁ ପ୍ରସ୍ତୁତ ହୋଇ ରହନ୍ତୁ। କେବେବି ଏମିତି କିଛି କରନ୍ତୁ ନାହିଁ, ଯଦ୍ୱାରା ବ୍ୟକ୍ତି ଜଣକ ଅବହେଳିତ ଅନୁଭବ କରିବେ। ଆମେ ସମସ୍ତେ ମନେ ରଖିବା ଉଚିତ ଯେ ବାର୍ଦ୍ଧକ୍ୟ ଜୀବନର ଏକ ଅବସ୍ଥା ଯାହା ମଧ୍ୟ ଦେଇ ସମସ୍ତଙ୍କୁ ଦିନେ ଗତି କରିବାକୁ ହେବ। ଏଥିଜନିତ ଶାରୀରିକ ଅକ୍ଷମତା ଯୋଗୁଁ ଆମେ ଅନେକ ଅନୁଭୂତିର ଗନ୍ତାଘର ଏବଂ ଏକ ସଫଳ ଜୀବନଯାପନର ଚାବିକାଠି ବହନ କରିଥିବା ବୟସ୍କ ବ୍ୟକ୍ତିଙ୍କୁ ଅବହେଳା କରିପାରିବା ନାହିଁ। ବରଂ ତାଙ୍କ ଅକ୍ଷମତା ସହ ବଂଚି ରହିବାର କଳା ଆମକୁ ଶିକ୍ଷା କରିବାକୁ ହେବ।

**ପ୍ରାକ୍ତନ ବିଭାଗୀୟ ମୁଖ୍ୟ (ରସାୟନ ବିଜ୍ଞାନ),**
**ଏନ ଏ ସି ମହାବିଦ୍ୟାଳୟ, ବୁର୍ଲା**

ଡ଼ାକଟିକଟରୁ ଜ୍ଞାନ




## ଡ଼. ଟି.ଏସ୍. ସୌନ୍ଦ୍ରମ ରାମଚନ୍ଦ୍ରନ

(୧୮ ଅଗଷ୍ଟ ୧୯୦୪ - ୨୧ ଅକ୍ଟୋବର ୧୯୮୪)



ଡ. ଭବାନୀଶଙ୍କର ଦାଶ

ଡ଼. ଟି.ଏସ୍. ସୌନ୍ଦ୍ରମ ରାମଚନ୍ଦ୍ରନ୍ ଜଣେ ଭାରତୀୟ ଚିକିତ୍ସକ, ସାମାଜିକ ସଂସ୍କାରକ । ସେ ସେସମୟର ପ୍ରମୁଖ ରାଜନେତା ତଥା ଭାରତର ଅନ୍ୟତମ ଶିଳ୍ପସଂସ୍ଥା 'ଟିଭିଏସ୍' ଗ୍ରୁପର ପ୍ରତିଷ୍ଠାତା, ଟି. ଭି. ସୁନ୍ଦରମ ଆୟେଙ୍ଗାରଙ୍କ ସୁପୁତ୍ରୀ । ସେ ୧୯୧୮ ମସିହାରେ ମାତ୍ର ୧୪ ବର୍ଷ ବୟସରେ ବିବାହ କରିଥିଲେ, କିନ୍ତୁ ତାଙ୍କ ସ୍ୱାମୀ ଡକ୍ଟର ସୌନ୍ଦରରାଜନ ତାଙ୍କୁ ଅଧ୍ୟୟନ କରିବାକୁ ଉତ୍ସାହିତ କରିଥିଲେ। ଦିଲ୍ଲୀର 'ଲେଡି ହାର୍ଡିଙ୍ଗ ମେଡିକାଲ କଲେଜ'ରେ ମେଡ଼ିସିନ ପଢୁଥିବାବେଳେ ଗାନ୍ଧିଜୀଙ୍କୁ ଭେଟିଥିଲେ। ସେ ସଙ୍ଗେ ସଙ୍ଗେ ସ୍ୱାଧୀନତା ସଂଗ୍ରାମ ପ୍ରତି ଆକର୍ଷିତ ହୋଇଥିଲେ, କିନ୍ତୁ ଅଧ୍ୟୟନ ଛାଡି ନଥିଲେ।

ସେ ୧୯୩୬ ମସିହାରେ ଡାକ୍ତର ଭାବରେ ସ୍ନାତକ ହାସଲ କରିଥିଲେ। ସେ ରାଜନୀତିରେ ଜଡିତ ନ ହୋଇ ଭାରତର ସେବା କରିବା ପାଇଁ ମନସ୍ଥ କଲେ । ତାଙ୍କୁ 'କସ୍ତୁରବା ଗାନ୍ଧୀ ନ୍ୟାସନାଲ ମେମୋରିଆଲ ଟ୍ରଷ୍ଟ'ର ଦକ୍ଷିଣ ଭାରତର ପ୍ରତିନିଧି ଭାବେ ଗ୍ରାମାଞ୍ଚଳରେ ଗରିବ ଲୋକଙ୍କର ସ୍ୱାସ୍ଥ୍ୟସେବା, ଶିକ୍ଷା, ଅର୍ଥନୈତିକ ବିକାଶ ଏବଂ ସାମାଜିକ କଲ୍ୟାଣ ପାଇଁ ଅନୁଷ୍ଠାନ ସ୍ଥାପନ କରିବାକୁ ଦାୟିତ୍ୱ ଦିଆଯାଇଥିଲା ।

ସେ ୧୯୬୨ ମସିହାରେ ଡିଣ୍ଡିଗୁଲ ଲୋକସଭା ନିର୍ବାଚନମଣ୍ଡଳୀର ପ୍ରତିନିଧିତ୍ୱ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ଡେପୁଟି ମନ୍ତ୍ରୀ ଥିବା ସମୟରେ ସେ ଭାରତରେ ବାଧ୍ୟତାମୂଳକ ଏବଂ ମାଗଣା ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ। ସେ ଜାତୀୟ ସେବା ଯୋଜନା (ଏନଏସଏସ) ଆରମ୍ଭ କରିବାରେ ମଧ୍ୟ ସାହାଯ୍ୟ କରିଥିଲେ । ୧୯୬୨ ମସିହାରେ ସାମାଜିକ କାର୍ଯ୍ୟରେ ବହୁବିଧ ଅବଦାନ ପାଇଁ ତାଙ୍କୁ ପଦ୍ମ ଭୂଷଣରେ ସମ୍ମାନିତ କରାଯାଇଥିଲା। ୧୯୬୭ ସାଧାରଣ ନିର୍ବାଚନରେ ଡିଣ୍ଡିଗୁଲ ଲୋକସଭା ନିର୍ବାଚନମଣ୍ଡଳୀରୁ ପରାଜୟ ବରଣ କରି ପରବର୍ତ୍ତୀ ସମୟରେ ରାଜନୀତିରୁ ଅବସର ନେଇ ସାମାଜିକ କାର୍ଯ୍ୟକୁ ଫେରିଥିଲେ ।

ତାଙ୍କର ସ୍ମୃତିରେ ଭାରତୀୟ ଡାକ ବିଭାଗ ଦ୍ୱାରା ୨ ଅକ୍ଟୋବର ୨୦୦୫ରେ ୫ ଟଙ୍କା ମୂଲ୍ୟର ଏକ ସ୍ମରଣୀୟ ଷ୍ଟାମ୍ପ ଜାରି କରାଯାଇଥିଲା ।

ଜେକେପୁର, ରାୟଗଡ଼ା
ମୋ - ୯୧୨୪୩୪୬୫୪୭



ସ୍ୱାର୍ଥପରତାଠାରୁ ବଡ଼ ଶାସ୍ତି ମନୁଷ୍ୟ ପକ୍ଷରେ କିଛି ନାହିଁ। - କୁଏସ୍‌ନେଲ

# ସମ୍ବାଦ ବିଚିତ୍ରା

୧.ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ଆଫ୍ରିକା ପାଇଁ ଏକ ନୂତନ ଅର୍ଥନୈତିକ ଏବଂ ସାମରିକ ରଣନୀତି ଉନ୍ମୋଚନ କରିଛନ୍ତି।
୨.ଭାରତ ସରକାର ସ୍ୱଚ୍ଛ ଉଦ୍ଭିଦ କାର୍ଯ୍ୟକ୍ରମ ଅନ୍ତର୍ଗତ ଫଳ ଉତ୍ପାଦନ ବୃଦ୍ଧି ଉଦ୍ଦେଶ୍ୟରେ ଦେଶରେ ଦଶଟି 'ସ୍ୱଚ୍ଛ ଉଦ୍ଭିଦ କେନ୍ଦ୍ର' ସୃଷ୍ଟି କରିବାକୁ ଯୋଜନା କରୁଛନ୍ତି।
୩.କର୍ଣ୍ଣାଟକର ଉଡୁପି ଜିଲ୍ଲାର ବିନ୍ଦୋରରେ ଛୋଟ ଡଙ୍ଗା ଏବଂ ଜାହାଜ ପାଇଁ ଏକ ସ୍ୱତନ୍ତ୍ର ପରିକଳ୍ପିତ ସ୍ଥାନ ଭାବରେ ଭାରତର ପ୍ରଥମ ମରିନା ନିର୍ମାଣ ହେବ।
୪.କେରଳ ରାଜ୍ୟ ସରକାର ମିଳିତ ଜାତିସଂଘ ସହ ରାଜ୍ୟର ପର୍ଯ୍ୟଟନ ଶିଳ୍ପରେ ମହିଳାମାନଙ୍କର ଭୂମିକା ବୃଦ୍ଧି କରିବାକୁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି।
୫.ବେସାମରିକ ବିମାନ ଚଳାଚଳର ମହାନିର୍ଦ୍ଦେଶକ ହିନ୍ଦୁସ୍ଥାନ ଏରୋନାଟିକାଲ ଲିମିଟେଡ୍‌କୁ ହିନ୍ଦୁସ୍ତାନ ୨୨୮ ଭାରିଆଣ୍ଟ ବିମାନ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିଛନ୍ତି।
୬.ଭାରତୀୟଙ୍କ ପାଇଁ ଭିସା ଆବେଦନକୁ ସହଜ କରିବାକୁ ଜର୍ମାନ ଚାନସେଲର ଓଲାଫ ସ୍କୋଲଜ ଭାରତ ଗସ୍ତରେ ପ୍ରତିଶ୍ରୁତି ଦେଇଛନ୍ତି।
୭.ଭାରତୀୟ ଇତିହାସରେ ପ୍ରଥମ ଥର ପାଇଁ କେରଳର ଶ୍ରୀକୃଷ୍ଣ ମନ୍ଦିର ପେଟା ଇଣ୍ଡିଆ ଦ୍ୱାରା ଉପସ୍ଥାପିତ ୮୦୦ କିଲୋଗ୍ରାମର ଏକ ଯାନ୍ତ୍ରିକ ହାତୀ 'ରମଣ' ଦ୍ୱାରା ମନ୍ଦିର ରୀତିନୀତି ପାଳନ କରାଯିବ।
୮.ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କର୍ଣ୍ଣାଟକ ରାଜ୍ୟରେ ୪୫୦ କୋଟି ଟଙ୍କାରେ ନିର୍ମିତ ଶିବମୋଗା ବିମାନ ବନ୍ଦରର ଲୋକାର୍ପଣ କରିଛନ୍ତି।
୯.ପ୍ରମୁଖ ସ୍ମାର୍ଟଫୋନ୍ ନିର୍ମାତା 'ନୋକିଆ' ନିକଟରେ ୬୦ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଏହାର ବ୍ରାଣ୍ଡ ଲୋଗୋ ବଦଳାଇଛି।
୧୦.ସମ୍ପ୍ରତି ବାରମ୍ବାର ହୋଇଥିବା ଭୂକମ୍ପ ଉପରେ ଗବେଷଣା କରୁଥିବା ବୈଜ୍ଞାନିକମାନେ ପୃଥିବୀର ପଞ୍ଚମ ଆଭ୍ୟନ୍ତରୀଣ ମୂଳ ସ୍ତର ଆବିଷ୍କାର କରିଛନ୍ତି ।
୧୧.ୟୁଏଇର ବାୟୁସେନା ପ୍ରଶିକ୍ଷଣ କେନ୍ଦ୍ର 'ଅଲ ଧଫ୍ରା'ଠାରେ ଅନୁଷ୍ଠିତ 'ମରୁଭୂମି ପତାକା ଅଭ୍ୟାସ - ଅଷ୍ଟମ'ରେ ପ୍ରଥମ ଥର ପାଇଁ ଭାରତୀୟ ବାୟୁସେନାର ଲଢୁଆ ବିମାନ 'ତେଜସ୍' ଅଂଶଗ୍ରହଣ କରିଥିଲା।
୧୨.ଆମେରିକାର 'ଜାତୀୟ ବାୟୁମଣ୍ଡଳୀୟ ଗବେଷଣା କେନ୍ଦ୍ର'ର ସହଯୋଗରେ ବିକଶିତ ହେବାକୁ ଯାଉଥିବା 'କୁହୁଡି ଚେତାବନୀ ପ୍ରଣାଳୀ' ପାଇଁ ବିହାର ସରକାର ୫୦୦୦୦ ଡଲାରର ପାଣ୍ଠି ଅନୁମୋଦନ କରିଛନ୍ତି।
୧୩.ଜଳ ନିଷ୍କାସନ ପାଇଁ କେରଳ ଏକ ରୋବୋଟିକ୍ ସ୍କାଭେନର୍ସ ଲଞ୍ଚ କରିବାରେ ପ୍ରଥମ ରାଜ୍ୟ ହୋଇପାରିଛି।
୧୪.ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ବିଶ୍ୱରେ ମୁଦ୍ରାର ସାର୍ବଭୌମତ୍ୱ ରକ୍ଷା କରିବାକୁ ଏକ ବିଶ୍ୱସ୍ତରୀୟ କ୍ରିପ୍ଟୋ ଆହ୍ୱାନ ଯୋଜନା ଉନ୍ମୋଚନ କରିଛି।
୧୫.ୟୁରୋପର ପ୍ରଥମ ଦେଶ ଭାବେ ସ୍ପେନ 'ମାସିକ ଋତୁସ୍ରାବ ଛୁଟି' ଆଇନ ଅନୁମୋଦନ କରିଛି।
୧୬.ଭବିଷ୍ୟତରେ ସାରା ବିଶ୍ୱରେ ଫଳ ଏବଂ ପନିପରିବା ସଙ୍କଟ ପାଇଁ ମିଳିତ ଜାତିସଂଘ ଏବଂ ବିଶ୍ୱ ବ୍ୟାଙ୍କ ଚେତାବନୀ ଦେଇଛନ୍ତି।
୧୭.ସାଉଦି ଆରବ ଏବଂ ଆମେରିକାର ମିଳିତ ପଦକ୍ଷେପରେ ଆରମ୍ଭ ହୋଇଥିବା 'ଜଳବାୟୁ ପାଇଁ କୃଷି ଇନୋଭେସନ୍ ମିଶନ୍'ରେ ଭାରତ ଯୋଗଦାନ କରିଛି।
୧୮.ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମହାରାଷ୍ଟ୍ରର ପୁନେ ସହରରେ 'ଭୂ-ଅର୍ଥନୀତି' ସନ୍ଦର୍ଭରେ 'ଏସିଆ ଅର୍ଥନୈତିକ ସଂଳାପ-୨୦୨୩' ଆୟୋଜନ କରିଥିଲା।
୧୯.ବିଶ୍ୱର ପଞ୍ଚମ ସର୍ବାଧିକ ପ୍ରଦୂଷିତ ନଦୀ ଗଙ୍ଗାରେ ପ୍ରଦୂଷଣକୁ ହ୍ରାସ କରିବା ପାଇଁ 'ନାମାମି ଗଙ୍ଗା କାର୍ଯ୍ୟନିର୍ବାହୀ କମିଟି' ନିକଟରେ ୧୨୦୦ କୋଟି ଟଙ୍କା ବ୍ୟୟରେ ୯ଟି ନୂତନ ପ୍ରକଳ୍ପକୁ ଅନୁମୋଦନ କରିଛି।
୨୦.ସାମୁଦ୍ରିକ ସହଯୋଗ ଉପରେ ଭାରତ ଏବଂ ସେଚେଲ୍ସ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି।
୨୧.ଦେଶରେ ବୈଦ୍ୟୁତିକ ଯାନର ବହୁବିଧ ବ୍ୟବହାର ଉଦ୍ଦେଶ୍ୟରେ ଏକ ବିଶାଳ ବ୍ୟବସାୟିକ ଚୁକ୍ତି ଅନୁଯାୟୀ, 'ଟାଟା', 'ଉବର' ପାଇଁ ୨୫୦୦୦ ବୈଦ୍ୟୁତିକ ଯାନ ଉତ୍ପାଦନ କରିବ।
